Bhubaneswar- 27 may 2026
ଭୁବନେଶ୍ୱର- ୨୭ ମେ’ ୨୦୨୬
Vol- 1 Issue - 31
ଭାଗ- ୧ ସଂଖ୍ୟା- ୩୧
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA




# ରାଜ୍ୟରେ ଖୁବଶୀଘ୍ର ମନ୍ତ୍ରିମଣ୍ଡଳ ସଂପ୍ରସାରଣ

## ପିଏମ ପରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ



**ନୂଆଦିଲ୍ଲୀ:** ରାଜ୍ୟରେ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ପାଇଁ ମିଳିଲା କି ଗ୍ରୀନ୍ ସିଗନାଲ । କାଲି ପିଏମ, ଆଜି ବିଜେପି ରାଷ୍ଟ୍ରୀୟ ଅଧକ୍ଷ ନୀତିନ ନବୀନଙ୍କୁ ଭେଟିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଭେଟଘାଟ ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପାଇଁ ବଢ଼ିଲା ଚର୍ଚ୍ଚା। ଖୁବଶୀଘ୍ର ହୋଇପାରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ। ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଥିଲେ । ରାଜ୍ୟରେ ବିକାଶମୂଳକ କାମ ସହ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଆଲୋଚନା ହୋଇଥିବା କୁହାଯାଉଛି। ବର୍ତ୍ତମାନର ମନ୍ତ୍ରୀମାନଙ୍କ ଉପରେ ଅତ୍ୟଧିକ କାର୍ଯ୍ୟଭାର ରହିଛି। ଶାସନରେ ଦକ୍ଷତା ବୃଦ୍ଧି ପାଇଁ ମନ୍ତ୍ରୀ ସଂଖ୍ୟା ୧୬ରୁ ବଢ଼ାଇ ୨୨ କରାଯାଇ ପାରେ। କିଛି ନୂଆ ଚେହେରାଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରିବା ସମ୍ଭାବନା ରହିଛି। କିଛି ମନ୍ତ୍ରୀଙ୍କ ବିଭାଗ ପରିବର୍ତ୍ତନ ହୋଇପାରେ ଏବଂ କିଛି ମନ୍ତ୍ରୀଙ୍କୁ ଦଳୀୟ ସଂଗଠନରେ ନିୟୋଜିତ କରାଯାଇ ପାରେ। ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଉପରେ କେନ୍ଦ୍ରୀୟ ନେତୃତ୍ୱଙ୍କ ସବୁଜ ସଙ୍କେତ ମିଳିଥିବା କୁହାଯାଉଛି।ଆଞ୍ଚଳିକ ଏବଂ ଜାତିଗତ ସମୀକରଣକୁ ସନ୍ତୁଳିତ କରିବା ପାଇଁ ନୂଆ ଚେହେରାଙ୍କୁ ସାମିଲ କରିବାକୁ ଦଳ ଭିତରେ ଦାବି ହୋଇ ଆସୁଛି। ଆସନ୍ତା ବର୍ଷ ପଞ୍ଚାୟତ ନିର୍ବାଚନ । ତାକୁ ଦୃଷ୍ଟିରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଖୁବଶୀଘ୍ର କରାଯାଇପାରେ ବୋଲି ଚର୍ଚ୍ଚା ହେଉଛି। ଆଞ୍ଚଳିକ ସନ୍ତୁଳନକୁ ଦୃଷ୍ଟିରେ ରଖି କ୍ୟାବିନେଟରେ ପରିବର୍ତ୍ତନ କରାଯିବ। ଜୁନ୍ ୧୨ ତାରିଖରେ ବିଜେପି ସରକାରର ଦୁଇ ବର୍ଷ ପୂରଣ ହେବାକୁ ଯାଉଛି।ଦୁଇ ବର୍ଷ ପୂର୍ତ୍ତି ସମୟରେ ରାଜ୍ୟବାସୀଙ୍କୁ କିଛି ବଡ଼ ଉପହାର ଦେଇ ପାରନ୍ତି ସରକାର । ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ ପରେ ମନ୍ତ୍ରିମଣ୍ଡଳ ସମ୍ପର୍କରେ କିଛି ଘୋଷଣା ଆସିପାରେ। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ନେଇ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ବଡ଼ ସୂଚନା ଦେଇଛନ୍ତି । ସେ କହିଛନ୍ତି, ଯେ କୌଣସି ମୁହୂର୍ତ୍ତରେ ହୋଇପାରେ ମନ୍ତ୍ରି ମଣ୍ଡଳ ସମ୍ପ୍ରସାରଣ ।

## ପ୍ରକାଶ ପାଇଲା ଓପିଏସ୍‌ସି-ଓସିଏସ୍ -୨୦୨୪ ପରୀକ୍ଷାଫଳ

# ପ୍ରଥମ ସ୍ଥାନରେ ବୁବୁନ୍ ଦ୍ୱିତୀୟରେ ଶୋଭନା

## ☞ ଦୁଇଶହ ପରୀକ୍ଷାର୍ଥୀ ହୋଇଛନ୍ତି କୃତକାର୍ଯ୍ୟ



**ଭୁବନେଶ୍ୱର :** ଆଜି ମଙ୍ଗଳବାର ଓଡ଼ିଶା ଲୋକସେବା ଆୟୋଗ (ଓଡ଼ିଶା ପବ୍ଲିକ୍ ସର୍ଭିସ୍ କମିସନ୍) ଦ୍ୱାରା ଅନୁଷ୍ଠିତ ଓଡ଼ିଶା ଲୋକସେବା ପରୀକ୍ଷା (ଓସିଏସ୍) ୨୦୨୪ର ଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ୨ଶହ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ୭୦ଜଣ ସାଧାରଣ ବର୍ଗ, ୩୫ଜଣ ସାମାଜିକ ଓ ଅର୍ଥନୈତିକ ପଛୁଆ ବର୍ଗ (ଏସ୍‌ଇବିସି), ୪୫ଜଣ ଅନୁସୂଚିତ ଜାତି (ଏସ୍‌ସି) ଓ ୫୦ଜଣ ଅନୁସୂଚିତ ଜନଜାତି (ଏସ୍‌ଟି) ଅଛନ୍ତି। ଏହି ପରୀକ୍ଷାରେ ଏସ୍‌ଇବିସିର ବୁବୁନ୍ ସାହୁ ସାଧାରଣ ବର୍ଗରେ ଚୟନ ହୋଇଥିବା ବେଳେ ତାଲିକାରେ ସର୍ବାଗ୍ରେ ଅଛନ୍ତି । ସାଧାରଣ ବର୍ଗରେ ଚୟନ ହୋଇଥିବା ସାଧାରଣ ବର୍ଗର ଶୋଭନା ମହାନ୍ତି ଦ୍ୱିତୀୟ ସ୍ଥାନରେ ଅଛନ୍ତି। ପ୍ରଥମ ୧୦ଜଣଙ୍କ ତାଲିକାରେ ଥିବା ଅନ୍ୟମାନେ ହେଲେ- ଜିତମିତ୍ର ସାହୁ (ଏସ୍‌ଇବିସି-ସାଧାରଣବର୍ଗ), କନକ ଜୈନ (ସାଧାରଣ ବର୍ଗ), ସଂଗ୍ରାମ ପ୍ରଧାନ (ସାଧାରଣ ବର୍ଗ), ଅମନ ଗୋଏଲ୍ (ଏସ୍‌ଇବିସି-ସାଧାରଣ ବର୍ଗ),ଶାନ୍ତନୁ କୁମାର ଶତପଥୀ (ସାଧାରଣ ବର୍ଗ), ନୀତୀଶ କୁମାର ବାରିକ (ଏସ୍‌ସି-ସାଧାରଣ ବର୍ଗ), ଶୀତଳ ପାତ୍ର (ସାଧାରଣ ବର୍ଗ), ଇତିଶ୍ରୀ ଜେନା (ଏସ୍‌ଇବିସି-ମହିଳା)। ତେବେ, ଉତ୍ତୀର୍ଣ୍ଣ ହୋଇଥିବା ପରୀକ୍ଷାର୍ଥୀମାନଙ୍କୁ ଏହି ପରୀକ୍ଷାଫଳ ଅନୁଯାୟୀ ନିଯୁକ୍ତି ଦିଆଯିବ ନାହିଁ, ପରୀକ୍ଷାର୍ଥୀଙ୍କ ଦାଖଲ ହୋଇଥିବା ଯୋଗ୍ୟତା, ସଂରକ୍ଷଣ ବିଭାଗ ସମ୍ପର୍କିତ ସତ୍ୟପାଠ ଓ ପ୍ରମାଣପତ୍ରର ଯାଞ୍ଚ ଏବଂ ସ୍ୱାସ୍ଥ୍ୟପରୀକ୍ଷଣ ପରେ ଚୟନ କମିଟି ଦ୍ୱାରା ନିଯୁକ୍ତି ଚୂଡ଼ାନ୍ତ ହେବ ବୋଲି ଓପିଏସ୍‌ସି ପକ୍ଷରୁ ସ୍ପଷ୍ଟ କରାଯାଇଛି। ସୂଚନାଯୋଗ୍ୟ, ରାଜ୍ୟ ସରକାର ଅନୁମୋଦନ କରିଥିବା ୭୮ଟି ମହିଳାଙ୍କ ସମେତ ୨୦୦ଟି ପଦ ନିମନ୍ତେ ୩୩ହଜାର ୬୩୦ଜଣ ମହିଳାଙ୍କ ସମେତ ମୋଟ ୮୫ହଜାର ୨୨୩ ଜଣ ପରୀକ୍ଷାର୍ଥୀ ଆବେଦନ କରିଥିଲେ। ୧୨ ଅକ୍ଟୋବର ୨୦୨୫ରେ ହୋଇଥିବା ପ୍ରାରମ୍ଭିକ ପରୀକ୍ଷାରେ ୧୩ହଜାର ୯୮୫ ଜଣ ମହିଳା ପ୍ରାର୍ଥୀଙ୍କ ସମେତ ୩୫ହଜାର ୧୬୫ଜଣ ପରୀକ୍ଷା ଦେଇଥିଲେ। ମୁଖ୍ୟ (ଲିଖିତ) ପରୀକ୍ଷା ଚଳିତ ବର୍ଷ ୩୧ ଜାନୁଆରି ଠାରୁ ୧୦ ଫେବ୍ରୁଆରି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୭୦୭ଜଣ ମହିଳା ପ୍ରାର୍ଥୀଙ୍କ ସମେତ ୨୦୫୮ଜଣ ପରୀକ୍ଷା ଦେଇଥିଲେ। ଏହା ମଧ୍ୟରୁ ୧୫୫ଜଣ ମହିଳାଙ୍କ ସମେତ ୩୮୫ଜଣଙ୍କୁ ୧୪ ମଇ ୨୦୨୬ରୁ ୨୦ ମଇ ୨୦୨୬ ମଧ୍ୟରେ ଦସ୍ତାବିଜ ଯାଞ୍ଚ ଓ ସାକ୍ଷାତକାର ପରୀକ୍ଷା ନିମନ୍ତେ ଡକାଯାଇଥିଲା।

# ଅନୁପ୍ରବେଶ ପ୍ରସଙ୍ଗ: ଗଠନ ହେଲା ଉଚ୍ଚ ସ୍ତରୀୟ କମିଟି

## ପ୍ରତିଶ୍ରୁତିର ପ୍ରାୟ ୯ ମାସ ପରେ ମନେପଡ଼ିଲା

**ନୂଆଦିଲ୍ଲୀ :** ଅନୁପ୍ରବେଶ ପ୍ରସଙ୍ଗକୁ କେନ୍ଦ୍ର ସରକାର ବେଶ ଗୁରୁତ୍ୱର ସହ ନେଉଥିବା କହୁଛନ୍ତି। ଅନୁପ୍ରବେଶ ଦେଶର ସାର୍ବଭୌମତ୍ୱ, ଜାତୀୟ ସୁରକ୍ଷା, ସାମାଜିକ ସମାନତା ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରୁଥିବା ସରକାର କହି ଆସୁଛନ୍ତି। ଏପରି କି ଅନୁପ୍ରବେଶ ଯୋଗୁ ସୃଷ୍ଟି ହୋଇଥିବା ସ୍ଥିତିର ଅନୁଧ୍ୟାନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୫ ଅଗଷ୍ଟ ୧୫ରେ ଗୋଟିଏ କମିଟି ଗଠନ କରିବାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହି ପ୍ରତିଶ୍ରୁତିର ପ୍ରାୟ ୯ ମାସ ପରେ ଆଜି କେନ୍ଦ୍ର ସରକାର ଅନୁପ୍ରବେଶ ପ୍ରସଙ୍ଗରେ ଗୋଟିଏ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। କମିଟି ଗଠନ ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆଜି ଏକ୍ସ ଯୋଗେ ସୂଚନା ଦେଇଛନ୍ତି। ଅନୁପ୍ରବେଶ ଯୋଗୁ ଦେଶରେ ଦେଖାଯାଇଥିବା ଅପ୍ରାକୃତି ଭୌଗଳିକ ପରିବର୍ତ୍ତନର ଯାଞ୍ଚ ପାଇଁ ଏହି କମିଟି ଗଠନ କରାଯାଇଥିବା ଶ୍ରୀ ଶାହ କହିଛନ୍ତି। ସେ ଏକ୍ସ ଯୋଗେ ଗତବର୍ଷ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଘୋଷଣା ଅନୁସାରେ କମିଟି ଗଠନ କରାଯାଇଥିବା କଥା ବି ସମସ୍ତଙ୍କୁ ଅବଗତ କରିଛନ୍ତି। ସେ କହିଛନ୍ତି, “ଅନୁପ୍ରବେଶ ଓ ଅନ୍ୟ କାରଣରୁ ହେଉଥିବା ଅପ୍ରାକୃତି ଭୌଗଳିକ ପରିବର୍ତ୍ତନ ଯେକୌଣସି ରାଷ୍ଟ୍ରର ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ଗୋଟିଏ ବଡ଼ ଚ୍ୟାଲେଞ୍ଜ। ଏହି ଚ୍ୟାଲେଞ୍ଜରୁ ମୁକୁଳିବା ପାଇଁ ୨୦୨୫ ମସିହା ଅଗଷ୍ଟ ୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ‘ଭୌଗଳିକ ପରିବର୍ତ୍ତନ’କୁ ନେଇ ଗୋଟିଏ ଉଚ୍ଚସ୍ତରୀୟ କମିଟିର ଘୋଷଣା କରିଥିଲେ। ଏବେ ସରକାର ଏହି କମିଟିର ଗଠନ କରି ସାରିଥିବା ମୁଁ ବେଶ ଉତ୍ସାହର ସମସ୍ତଙ୍କୁ ଅବଗତ କରିବାକୁ ଚାହୁଁଛି।”ଶ୍ରୀ ଶାହଙ୍କ କହିବା କଥା ଯେ କମିଟିର ନେତୃତ୍ୱ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ପ୍ରକାଶ ପ୍ରଭାକର ନାବଲେକର ନେବେ। ଏଥିରେ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଦୁର୍ଗା ଶଙ୍କର ମିଶ୍ର, ପୂର୍ବତନ ଆଇପିଏସ ଅଫିସର ବାଲାଜୀ ଶ୍ରୀବାସ୍ତବ, ଅର୍ଥନୀତିଜ୍ଞ ଡକ୍ଟର ଶାମିକା ରବି ଓ ଜନଗଣନା କମିଶନର ସଦସ୍ୟ ଭାବେ ରହିବେ। ଯୁଗ୍ମ ସଚିବ, ଗୃହ ମନ୍ତ୍ରଣାଳୟ ଏହି କମିଟିରେ ସଚିବ ସଦସ୍ୟ ଭାବେ କାମ କରିବେ। ଅନୁପ୍ରବେଶ ଓ ଅନ୍ୟ କାରଣରୁ ସମଗ୍ର ଦେଶରେ ହୋଇଥିବା ଭୌଗଳିକ ପରିବର୍ତ୍ତନର ବିସ୍ତୃତ ଯାଞ୍ଚ ଏହି କମିଟି କରିବ।

## ପାଇଖାନା ସେଣ୍ଟ୍ରିଙ୍ଗ କାଢ଼ିବା ବେଳେ ଅଘଟଣ

# ଶ୍ୱାସରୁଦ୍ଧ ହୋଇ ବାପପୁଅ ସମେତ ୪ ଶ୍ରମିକଙ୍କ ମୃତ୍ୟୁ

## ◆ ମୃତକଙ୍କ ପରିବାରକୁ ୪ ଲକ୍ଷ ସହାୟତା ରାଶି ଘୋଷଣା



**କଳାହାଣ୍ଡି :** କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ଥାନା ଅନ୍ତର୍ଗତ ଗୌଡ କର୍ଲାଖୁଣ୍ଟା ଠାରେ ନବ ନିର୍ମିତ ପାଇଖାନା ଟାଙ୍କିର ସେଣ୍ଟ୍ରିଙ୍ଗ ଖୋଲିବା ବେଳେ ବାପପୁଅଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଜଣେ ଶ୍ରମିକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମଦନପୁର ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମୃତକ ମାନେ ହେଲେ ଗୌଡ଼ କରଲାଖୁଣ୍ଟା ଗାଁର ନିମାଇଁ ପାଲ(୪୮) ତାଙ୍କ ପୁଅ ଆକାଶ ପାଲ (୨୮) ସହଯୋଗୀ ଶ୍ରମିକ ଅଦଲ ମାଝୀ (୫୫) ମାଟୋଗଣ୍ଡା ଗାଁର ମନୋରଞ୍ଜନ ହାତୀ (୨୭), ଦୁଟା ଗାଁ ର ଛନ୍ଦା ଜାଲ, ବିପୁଲ ଜାଲଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଜଣକ ହେଲେ ହାତୀଖୋଜ ଗାଁ ର ପଙ୍କଜ ଜାନୀ (୩୨)। ତାଙ୍କୁ ଏମ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନା କୁ ସ୍ଥାନାନ୍ତର କରା ଯାଇଛି। ମିଳିଥିବା ସୂଚନାନୁଯାୟୀ ଶ୍ରମିକ ମାନେ ଆଜି (ମଙ୍ଗଳବାର)ଉକ୍ତ ଗ୍ରାମର ନିମାଇଁ ପାଲ ପରିବାରର ପାଇଖାନା ନିର୍ମାଣ କାର୍ଯ୍ୟର ସେଣ୍ଟ୍ରିଙ୍ଗ ଖୋଲିବାକୁ ଯାଇଥିବା ବେଳେ ଏହି ଅଭାବନୀୟ ଘଟଣା କ୍ରମରେ ସେଣ୍ଟ୍ରିଙ୍ଗ ଭୁଶୁଡ଼ି ପଡ଼ିବାରୁ ଶ୍ରମିକ ମାନେ ପାଇଖାନା ଭିତରେ ଦବି ଯାଇଥିଲେ। ଶ୍ୱାସରୁଦ୍ଧ ହୋଇ ୬ଜଣ ଶ୍ରମିକଙ୍କ ଜୀବନ ଚାଲି ଯାଇଥିବା ବେଳେ ଜଣେ ଶ୍ରମିକଙ୍କୁ ଉଦ୍ଧାର କରାଯାଇ ପାରିଥିଲା। ଶ୍ୱାସରୁଦ୍ଧ ହୋଇ ୬ ଜଣଙ୍କ ମୃତ୍ୟୁ ଘଟଣାରେ ସହାୟତା ଘୋଷଣା କରିଛନ୍ତି ରାଜ୍ୟ ସରକାର। ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଲେଖାଏ ସହାୟତା ରାଶି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଏହି ଅଭାବନୀୟ ଘଟଣାରେ ଗଭୀର ଶୋକ ପ୍ରକାଶ ସହ ପୀଡ଼ିତ ପରିବାରକୁ ସମବେଦନା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ।

# ଅବଦୁର ରେହମାନ ନିର୍ଦ୍ଦୋଷ

## ୧୧ ବର୍ଷ ତଳେ ଗିରଫ ହୋଇଥିଲେ



**କଟକ :** ଅବଦୁର ରେହମାନ ନିର୍ଦ୍ଦୋଷରେ ଖଲାସ। ପ୍ରମାଣ ଅଭାବରୁ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି କଟକ ଜିଲ୍ଲା ଦୌରାଜଜ୍। ପୂର୍ବରୁ ଜାମସେଦପୁରର ଏକ କୋର୍ଟ ମଧ୍ୟ ତାଙ୍କୁ ନିର୍ଦ୍ଦୋଷ ଘୋଷଣା କରିଥିଲେ। ଦିଲ୍ଲୀର ଏକ କୋର୍ଟ ତାଙ୍କୁ ୭ ବର୍ଷର ସଜା ଶୁଣାଇଥିଲେ, ଯାହା ଶେଷ ହୋଇ ସାରିଛି। ବେଆଇନ କାର୍ଯ୍ୟକଳାପ ନିରୋଧ ଆଇନରେ ସେଠାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ୨୦୧୫ରେ ସାଲେପୁର ପଶ୍ଚିମକଚ୍ଛରୁ ଗିରଫ ହୋଇଥିଲେ ଅବଦୁର ରେହମାନ। ତାଙ୍କୁ ଆତଙ୍କବାଦୀ ସଂଗଠନ ଅଲ୍ କାଏଦା ଇଣ୍ଡିଆନ୍ ସବ୍ କଣ୍ଟିନେଣ୍ଟ ଲିଙ୍କ୍‌ରେ ଗିରଫ କରାଯାଇଥିଲା। ସେ ଆତଙ୍କବାଦୀ ନେଟୱର୍କ ବଢ଼ାଉଥିବା ଅଭିଯୋଗ ହୋଇଥିଲେ। ସେହିପରି ସେ ପାକିସ୍ତାନରେ ଆତଙ୍କବାଦୀଙ୍କୁ ଭେଟିଥିବା ନେଇ ଅଭିଯୋଗ ହୋଇଥିଲା। ସେ ଆତଙ୍କବାଦୀ ସଂଗଠନ ଅଲ-କାଏଦାରେ ଯୁବକଙ୍କୁ ନିଯୁକ୍ତି ଦେଉଥିଲେ ବୋଲି ଅଭିଯୋଗ ହୋଇଥିଲା। ସେ କଟକର ଟାଙ୍ଗୀ ଅଞ୍ଚଳରେ ବେଆଇନ ଭାବେ ଏକ ମଦ୍ରାସା ଚଳାଇବା ସହିତ ଯୁବକମାନଙ୍କ ଭିତରେ ଦେଶ ବିରୋଧୀ ଚିନ୍ତାଧାରା ଭର୍ତ୍ତି କରାଉଥିଲେ ବୋଲି ଅଭିଯୋଗ ହୋଇଥିଲା।ଦିଲ୍ଲୀ ପୁଲିସ ତାଙ୍କୁ ଗିରଫ କରିଥିବା ବେଳେ ପରେ ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର ହୋଇଥିଲା। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ ଘଟଣାର ତଦନ୍ତ କରୁଥିଲା। ତେବେ କ୍ରାଇମବ୍ରାଞ୍ଚ କୋର୍ଟରେ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ସପକ୍ଷରେ ପ୍ରମାଣ ଦେଇ ପାରି ନଥିଲା। କୋର୍ଟଙ୍କ ରାୟ ଆସିବା ପରେ ଅବଦୁର ରେହମାନ କହିଛନ୍ତି ତାଙ୍କୁ ମିଛ ଅଭିଯୋଗରେ ଫସାଇ ଦିଆଯାଇଥିଲା। ତେଣୁ ୧୧ ବର୍ଷ ଧରି ତାଙ୍କୁ ଜେଲ୍‌ରେ ରହିବାକୁ ପଡ଼ିଲା। ପରବର୍ତ୍ତୀ ଅବସ୍ଥାରେ ସବୁକିଛି ପ୍ରକାଶ କରିବେ ବୋଲି କହିଲେ।

# ମହାନଦୀରେ ବୁଡ଼ି ଗଲେ ନାବାଳକ

**କଟକ:** ମହାନଦୀରେ ପୁଣି ଅଘଟଣ । କଟକ ଆୟତପୁର ନିକଟ ମହାନଦୀରେ ବୁଡ଼ି ଗଲେ ନାବାଳକ । ୪ ଜଣ ସାଙ୍ଗ ମହାନଦୀକୁ ଗାଧେଇବା ପାଇଁ ଆସିଥିଲେ । ଗାଧେଇବା ବେଳେ ଘଟିଲା ବଡ଼ ଅଘଟଣ । ଗରାମ ଗ୍ରାମର ୧୪ ବର୍ଷର ନାବାଳକ ସୋମନାଥ ସେଠି ଗାଧୋଇବାବେଳେ ବୁଡ଼ି ଯାଇଥିଲେ । ସାଙ୍ଗମାନେ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ । ଖବର ମିଳିବା ପରେ ଚାଉଳିଆଗଞ୍ଜ ଅଗ୍ନିଶମ ବାହିନୀର ଗୋଟିଏ ଟିମ ଦୁର୍ଘଟଣା ସ୍ଥଳରେ ପହଂଚି ଉଦ୍ଧାର କାର୍ଯ୍ୟରେ



ନିୟୋଜିତ ରହିଛନ୍ତି । ଘଟଣା ସ୍ଥଳରେ କନ୍ଦରପୁର ଥାନା ପୋଲିସ ମଧ୍ୟ ଉପସ୍ଥିତ ରହିଛି । ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଖବର ଲେଖାହେବା ପର୍ଯ୍ୟନ୍ତ ନାବାଳକ ସମ୍ପର୍କରେ କିଛି ଖୋଜଖବର ମିଳିନି ।

## ପୋଲିସର ବେଆଇନ ଆଇପିଏଲ୍ ବେଟିଂ ବିରୋଧୀ ଅଭିଯାନ

# ୧୮ ଗିରଫ, ୩୬ ଲକ୍ଷରୁ ଅଧିକ ନଗଦ ଟଙ୍କା ଜବତ

## ◆ ୪୦ ଲକ୍ଷରୁ ଅଧିକ ଟଙ୍କା ଫ୍ରିଜ୍



**ଭୁବନେଶ୍ୱର:** ଚଳିତ ଆଇପିଏଲ-୨୦୨୬ ମହାସମର ମଧ୍ୟରେ ରାଜ୍ୟରେ ବେଆଇନ ଆଇପିଏଲ୍ ବେଟିଂ କାରବାର ବିରୋଧରେ ଓଡ଼ିଶା ପୋଲିସ ପକ୍ଷରୁ ଜୋରଦାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବିଭିନ୍ନ ଜିଲ୍ଲାରେ ଚଢ଼ାଉ କରି ପୋଲିସ ବେଟିଂ ରାକେଟ୍‌ର ପର୍ଦ୍ଦାଫାଶ କରିବା ସହ ବିପୁଳ ପରିମାଣର ନଗଦ ଟଙ୍କା, ମୋବାଇଲ୍ ଏବଂ ଗାଡ଼ି ଜବତ କରିଛି। ପୋଲିସର ସୂଚନା ଅନୁଯାୟୀ, ସାରା ରାଜ୍ୟରେ ଆଇପିଏଲ ବେଟିଂ ସଂକ୍ରାନ୍ତରେ ମୋଟ ୪ଟି ମାମଲା ରୁଜୁ କରାଯାଇଥିବା ବେଳେ ୧୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଏହି ଅଭିଯାନରେ ପୋଲିସ ବିପୁଳ ପରିମାଣର ଅର୍ଥ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିବାରେ ସଫଳ ହୋଇଛି । ସାରା ରାଜ୍ୟରୁ ମୋଟ ୩୬ ଲକ୍ଷ ୮୫ ହଜାର ୨୦୦ ଟଙ୍କାର ନଗଦ ରାଶି ଜବତ କରାଯାଇଥିବା ବେଳେ ବେଟିଂ କାରବାରରେ ବ୍ୟବହୃତ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରୁ ୩୯ ଲକ୍ଷ ୪୨ ହଜାର ୬୧୧ ଟଙ୍କା ଫ୍ରିଜ୍ କରାଯାଇଛି । ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବା ୧୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ଅପରାଧରେ ବ୍ୟବହୃତ ୨ଟି କାର୍ ଏବଂ ୧୩ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି । ବିଭିନ୍ନ ଜିଲ୍ଲାରେ ପୋଲିସର କାର୍ଯ୍ୟାନୁଷ୍ଠାନକୁ ଦେଖିଲେ, ବେଟିଂ କାରବାର ବିରୋଧରେ ପୁରୀ ପୋଲିସକୁ ସବୁଠାରୁ ବଡ଼ ସଫଳତା ମିଳିଛି । ପୁରୀ ଜିଲ୍ଲାରେ ୧ଟି ମାମଲା ରୁଜୁ କରାଯାଇ ୪ ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ସର୍ବାଧିକ ୨୫ ଲକ୍ଷ ୩୫ ହଜାର ଟଙ୍କାର ନଗଦ ରାଶି ଜବତ ହୋଇଛି ଏବଂ ବ୍ୟାଙ୍କ ଆକାଉଣ୍ଟରେ ଥିବା ୩୧ ଲକ୍ଷ ୮୧ ହଜାର ୨୪୪ ଟଙ୍କାକୁ ଫ୍ରିଜ୍ କରାଯିବା ସହ ୬ଟି ମୋବାଇଲ୍ ଜବତ କରାଯାଇଛି ।ସେହିପରି ସୁନ୍ଦରଗଡ଼ ଜିଲ୍ଲାରେ ମଧ୍ୟ ପୋଲିସ ଏକ ବଡ଼ ଚଢ଼ାଉ କରି ଗୋଟିଏ ବେଟିଂ ମାମଲାରେ ୫ ଜଣଙ୍କୁ ଗିରଫ କରିଛି । ସେମାନଙ୍କଠାରୁ ୬ ଲକ୍ଷ ଟଙ୍କାର ନଗଦ ଅର୍ଥ, ୧୭ ଲକ୍ଷ ୬୧ ହଜାର ୩୬୭ ଟଙ୍କାର ବ୍ୟାଙ୍କ ବାଲାନ୍ସ ଏବଂ ୫ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି । ଝାରସୁଗୁଡ଼ା ଜିଲ୍ଲାରୁ ମଧ୍ୟ ପୋଲିସ ଏକ ବଡ଼ ର୍ୟାକେଟ୍ ଚିହ୍ନଟ କରି ସର୍ବାଧିକ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ଏବଂ ସେମାନଙ୍କଠାରୁ ୫ ଲକ୍ଷ ଟଙ୍କା ନଗଦ ଓ ବେଟିଂରେ ବ୍ୟବହୃତ ୨ଟି କାର୍ ଜବତ କରିଛି । ଅପରପକ୍ଷରେ, ଦକ୍ଷିଣ ଓଡ଼ିଶାର ବ୍ରହ୍ମପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତା’ ନିକଟରୁ ୫୦,୨୦୦ ଟଙ୍କା ନଗଦ ଏବଂ ୨ଟି ମୋବାଇଲ୍ ଫୋନ୍ ଜବତ କରିଛି। ରାଜ୍ୟକୁ ଅପରାଧ ମୁକ୍ତ କରିବା ପାଇଁ ବେଆଇନ ବେଟିଂ କାରବାରରେ ସମ୍ପୃକ୍ତ ଥିବା ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ ଓଡ଼ିଶା ପୋଲିସର ଏହି କାର୍ଯ୍ୟାନୁଷ୍ଠାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ।

# ପର୍ଯ୍ୟଟନର ବିକାଶ ନେଇ ଗଠିତ ହେବ ‘ଲ୍ୟାଣ୍ଡ୍‌ବ୍ୟାଙ୍କ୍’

## ◆ ଧଉଳିର ହେବ ପୁନର୍ବିକାଶ
## ◆ ପର୍ଯ୍ୟଟନ କ୍ଷେତ୍ରରେ ଇ-ଯାନର ବ୍ୟବହାରକୁ ଗୁରୁତ୍ୱ




**ଭୁବନେଶ୍ୱର:** ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ବିକାଶକୁ ତ୍ୱରାନ୍ୱିତ କରାଯିବ। ଧଉଳିର ପୁନର୍ବିକାଶ ଠାରୁ ଆରମ୍ଭ କରି ପର୍ଯ୍ୟଟନ କ୍ଷେତ୍ରରେ ଇ-ଯାନର ବ୍ୟବହାରକୁ ଗୁରୁତ୍ୱ ଦିଆଯିବ। କେବଳ ଏହାନୁହେଁ ଅନ୍ୟ ଶିଳ୍ପ ଢାଞ୍ଚାରେ ପର୍ଯ୍ୟଟନ ଶିଳ୍ପ ନିମନ୍ତେ ମଧ୍ୟ ଲ୍ୟାଣ୍ଡ୍‌ବ୍ୟାଙ୍କ୍ ଗଠନ କରାଯିବ ବୋଲି ଆଜି (ମଙ୍ଗଳବାର) ପର୍ଯ୍ୟଟନ ବିଭାଗର ଏକ ସମୀକ୍ଷା ବୈଠକ ପରେ ରାଜ୍ୟ ସରକାର ସୂଚନା ଦେଇଛନ୍ତି। ଭୁବନେଶ୍ୱରସ୍ଥିତ ପର୍ଯ୍ୟଟନ ଭବନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଅଧ୍ୟକ୍ଷତା କରିଥିଲେ। ରାଜ୍ୟରେ ଚାଲିଥିବା ବିଭିନ୍ନ ପର୍ଯ୍ୟଟନ ଭିତ୍ତିଭୂମି ପ୍ରକଳ୍ପ, ପର୍ଯ୍ୟଟନ ସ୍ଥଳୀର ବିକାଶମୂଳକ କାର୍ଯ୍ୟ ଏବଂ ପ୍ରଚାର ପ୍ରସାରର ସ୍ଥିତି ଆଲୋଚନା ହୋଇଥିଲା। ଶ୍ରୀମତୀ ପରିଡ଼ା ଧଉଳି ଆଖପାଖରେ ହେବାକୁଥିବା ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ଏହି ଐତିହ୍ୟ ସ୍ଥଳରେ ପର୍ଯ୍ୟଟକମାନଙ୍କ ଅନୁଭୂତିକୁ ଅଧିକ ସମୃଦ୍ଧ କରିବା ପାଇଁ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଧଉଳି ମାଷ୍ଟର ପ୍ଲାନର ଏକ ଅଂଶ ସ୍ୱରୂପ ପରିବେଶ ଅନୁକୂଳ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଏବଂ ପର୍ଯ୍ୟଟକମାନଙ୍କୁ ଅଧିକ ସୁବିଧା ଯୋଗାଇଦେବା ପାଇଁ ସେ ପର୍ଯ୍ୟଟକ ଓ ସ୍ଥାନୀୟ ଯାତାୟାତ ନିମନ୍ତେ ଇ-ଯାନର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ବିବିଏସଆର (ଭୁବନେଶ୍ୱର)-ପୁରୀ କରିଡର ମଧ୍ୟରେ ଥିବା କପିଳେଶ୍ୱର ଏବଂ ସୁଖମେଶ୍ୱର ମନ୍ଦିର ସହିତ ଦାସିଆ ବାଉରୀ ପୀଠ ଏବଂ ଅନ୍ୟାନ୍ୟ ଐତିହ୍ୟ ସ୍ଥଳଗୁଡ଼ିକର ସୌନ୍ଦର୍ଯ୍ୟକରଣ ଏବଂ ସମନ୍ୱିତ ବିକାଶର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ସେ ସମ୍ପୃକ୍ତ ବିଭାଗ ଏବଂ କର୍ତ୍ତୃପକ୍ଷଙ୍କଠାରୁ ଆବଶ୍ୟକୀୟ ମଞ୍ଜୁରି ଓ ଅନୁମତି ପାଇବା ପରେ ସମନ୍ୱୟ ରକ୍ଷା କରି ପ୍ରସ୍ତାବିତ କାର୍ଯ୍ୟଗୁଡ଼ିକ ହାତକୁ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ରଥଯାତ୍ରା ଏବଂ ଏଥିପାଇଁ ଆସିବାକୁ ଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର-ପୁରୀ କରିଡର ପାଇଁ ବିଭାଗର ବିଜ୍ଞାପନ ଏବଂ ପ୍ରଚାର ଯୋଜନା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ହୋମଷ୍ଟେ, ଆଡଭେଞ୍ଚର ପର୍ଯ୍ୟଟନ, ପର୍ଯ୍ୟଟକଙ୍କ ସୁରକ୍ଷା ଓ ନିରାପତ୍ତା ଏବଂ ପ୍ରମୁଖ ପର୍ଯ୍ୟଟନ ସ୍ଥଳଗୁଡ଼ିକରେ ପରିମଳ ବ୍ୟବସ୍ଥା ସହ ଜଡ଼ିତ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ପର୍ଯ୍ୟଟନ ଭିତ୍ତିଭୂମି ତଥା ପୁଞ୍ଜିନିବେଶକୁ ସହଜ କରିବା ପାଇଁ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ ଲ୍ୟାଣ୍ଡ ବ୍ୟାଙ୍କ ଗଠନ ଉପରେ ଗୁରୁତ୍ୱ ଦେଇଥିଲେ। ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂହ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପର୍ଯ୍ୟଟନ ବିଭାଗର କମିଶନର-ତଥା-ଶାସନ ସଚିବ ବଳବନ୍ତ ସିଂହ, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଏବଂ ପର୍ଯ୍ୟଟନ ବିଭାଗର ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀମାନେ ଏହି ବୈଠକରେ ଯୋଗ ଦେଇଥିଲେ।

## ସମ୍ପାଦକୀୟ

# ବଦଳିବ ସାମରିକ ସମୀକରଣ

ଆମେରିକା ପୃଥିବୀର ଗୋଟାଏ ବଡ଼ ବ୍ୟବସାୟୀ। କେବଳ ବଡ଼ ନୁହେଁ, ବହୁତ ବଡ଼ କୁହାଯାଇପାରେ। ଆଜିର ତାରିଖରେ ଆମେରିକା ହେଉଛି ଏମିତି ଗୋଟାଏ ବ୍ୟବସାୟୀ ଯାହାର ବ୍ୟବସାୟର ଦୁନିଆ ବହୁତ ଲମ୍ବା। ବିଶ୍ୱବ୍ୟାପୀ ଲମ୍ବିଛି ଆମେରିକାର ନିଜସ୍ୱ ବ୍ୟବଦାୟ ଦୁନିଆ। ସେହି ବୃହତ୍ ବ୍ୟାବସାୟିକ ମନୋଭାବ କାରଣରୁ ସେ ଆଜି ଏତେ ଆଗରେ। ଆମେରିକା ଭାରି ଚାଲାକ ଏବଂ ତା'ର ସେହି ଚାଲାକୀ କାରଣରୁ ସେ ଆଜି ବିଶ୍ୱର ଏକ ନମ୍ବର ବ୍ୟବସାୟୀ। ଆମେରିକା ତା'ର ବ୍ୟାବସାୟିକ ସାମ୍ରାଜ୍ୟ ବହୁତ ଆଗକୁ ବଢ଼ାଇଦେଇଛି ଯେମିତି କି କେହି ବି ତାକୁ ଟପି ଆଗକୁ ଯାଇପାରିବେ ନାହିଁ। ସେଥିପାଇଁ ତ ଆମେରିକା ଆଜି ବିଶ୍ୱର ଏକ ନମ୍ବର ବ୍ୟବସାୟୀ । ଆଉ ସବୁଠାରୁ ବଡ଼ କଥା ହେଲା ଆମେରିକାର ଏହି ବ୍ୟାବସାୟିକ ମନୋଭାବ ଯାହା ସେ ଦେଶର ବିଭିନ୍ନ କ୍ଷେତ୍ରରେ , ବିଭିନ୍ନ ବର୍ଗରେ , ବିଭିନ୍ନ ସ୍ତରରେ ପରିଲକ୍ଷିତ ହୁଏ। ଅନ୍ୟ ଅର୍ଥରେ କହିଲେ ଆମେରିକା କହିଲେ ବ୍ୟବସାୟ ଏବଂ ବ୍ୟବସାୟ କହିଲେ ଆମେରିକା। ଏସବୁରୁ ଗୋଟାଏ କଥା ଅତି ସ୍ପଷ୍ଟ ଯେ ଆମେରିକା ଗୋଟାଏ ବଡ଼ ବେପାରୀ। ଗୋଟାଏ ଫୁଲ୍ ବେପାରୀ। ଏବେ ଯେବେ ଇରାନ୍ ଯୁଦ୍ଧର କରାଳତାରେ ଆକ୍ରାନ୍ତ, ସେବେ ଆମେରିକା କିନ୍ତୁ ହସୁଛି ବିକଟ ଅଟ୍ଟହାସ୍ୟ। ଯାହା ସମ୍ପୂର୍ଣ୍ଣ କୂଟନୈତିକ । କାରଣ ଆମେରିକା ପାଖରେ ପଇସା ଅଛି, ଆମେରିକା ପାଖରେ ପାୱାର ବି ଅଛି। ଏମିତି ତ ପଇସା ଏବଂ ପାୱାର ସମସ୍ତଙ୍କ ପାଖରେ ଅଛି। ହେଲେ ଆମେରିକା କିନ୍ତୁ ଏ ଦିଗରେ ବହୁତ ଆଗରେ। ସେପାଇଁ ତ ଆମେରିକା ଏତେ ଆଗରେ। ସେ ପାଇଁ ତ ଆମେରିକା ଦି ମୋଷ୍ଟ ଆଡ୍‌ଭାନ୍ସଡ ଆଣ୍ଡ୍ ପାୱାରଫୁଲ୍ କଣ୍ଟ୍ରୀ ଅଫ୍ ଦି ୱାର୍ଲ୍ଡ ଯାହାକୁ ଖୋଲାଖୋଲି ଗ୍ରହଣ କରାଯାଇପାରେ। ସେଥିପାଇଁ ତ ଆମେରିକା ଏତେ ଆଗରେ। ତଥାପି ଆମେରିକା ପଛରେ ଯାହା ଏଥିକୁ କହୁଛି। ହେଲେ ଏଥିକୁ କିଏ ମାନୁଛି, ଏଥିକୁ କିଏ ବୁଝୁଛି। ଆମେ ତମେ ବୁଝିଲେ କି ହେବ? ବୁଝିବା ଲୋକ ତ ବୁଝୁନି । ବୁଝୁ ନାହାଁନ୍ତି ମିଷ୍ଟର ଟ୍ରମ୍ପ ଯାହାଙ୍କୁ ଅତି ପ୍ରବଳ ଭାବେ ଘାରିଛି ଯୁଦ୍ଧ ନିଶା। ଯୁଦ୍ଧର ନାଁ 'ଟା ଶୁଣିଲେ ଛାତିଟା ଥରିଉଠେ, ମନଟା ଡରିଯାଏ ହେଲେ ଆମେରିକାକୁ ଦେଖ। ଅତି ବିନ୍ଦାସ। ଯୁଦ୍ଧକୁ ତା'ର ଟିକିଏ ବି ଭୟ ନାହିଁ। ଯେତେବେଳେ ଚାହିଁଲା, ଯୁଦ୍ଧକଲା ସେ ଆମେରିକା। କେତେବେଳେ ଇରାନ୍ ସହିତ ତ ଆଉ କେତେବେଳେ ପାଲେଷ୍ଟିନ୍ ସହିତ । ଏମିତି ଛୋଟ ମୋଟ ଦେଶ ସହିତ ଲଢ଼ିଯାଉଛି ଆମେରିକା , ଭିଡ଼ି ଯାଉଛି ଆମେରିକା। ଯେମିତି କି ଯୁଦ୍ଧ ତା'ର ନିଶା ଏବଂ ଯୁଦ୍ଧ ତା'ର ପେଶା। କାରଣ ତହା ହିଁ ତା'ର ବଡ଼ ବେଉସା। କହିବାର ଅର୍ଥ ସେହି ଯୁଦ୍ଧ ଭିତରେ ବି ଛପି ରହିଛି ଆମେରିକାର ବେଉସା ମାନେ ବ୍ୟବସାୟ। ତାହା ହେଉଛି ଆମେରିକାର ଅସ୍ତ୍ର ବ୍ୟବସାୟ ଯାହା ସେ ଦେଶର ବହୁତ ପୁରୁଣା ବ୍ୟବସାୟ, ସେ ଦେଶର ବହୁତ ବଡ଼ ବ୍ୟବସାୟ ଏବଂ ସବୁଠାରୁ ବଡ଼କଥା ହେଲା ତାହା ହେଉଛି ଆମେରିକାର ଅତି ଲାଭଜନକ ବ୍ୟବସାୟ। ସେହି ପ୍ରକାର ବ୍ୟବସାୟ କରି ଆମେରିକା ଆଜି ବିଶ୍ୱରେ ଏତେ ଆଗରେ । ତେବେ ସବୁଠାରୁ ବଡ଼ ଗୋଟାଏ କଥା ହେଲା କୌଣସି ବି ଯୁଦ୍ଧ ଯାହା ସମାଜ ପାଇଁ ହାନିକାରକ , ଦେଶ ପାଇଁ କ୍ଷତିକାରକ। ଯୁଦ୍ଧ ଭଳି ଦୁଃଖଦ ସ୍ଥିତିରେ ବି ଆମେରିକା ତା'ର ଅସ୍ତ୍ର ବ୍ୟବସାୟ କରିବାରେ ସଫଳ ହେଉଛି। ସେଇଥିପାଇଁ ତ ଆମେରିକା ଯୁଦ୍ଧ କରାଉଛି ଏବଂ ଆବଶ୍ୟକ ସ୍ଥଳେ କେବେ କେବେ ଯୁଦ୍ଧ ଲଢୁଛି । ଯେମିତି କି ଏବେ ଲଢୁଛି ଇରାନ୍ ସହିତ। ସାଙ୍ଗରେ ତ ଅଛି ଇସ୍ରାଏଲ୍ ଯେ କି ଆମେରିକାର ଗୋଟାଏ ବହୁତ ବଡ଼ ଅନ୍ଧ ସମର୍ଥକ ଯେ କି ଆମେରିକା କଥାରେ କିଛି ବି କରିପାରେ। ଏବେ ଆମେରିକା ତା'ର ଗୋଟାଏ ବହୁତ ବଡ଼ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଯାଉଛି। ସେହି ଅସ୍ତ୍ର କାରବାର ଯୋଜନା, ଯେମିତି କି ଆମେ ପୂର୍ବରୁ ବି କହିଛୁ କି ଅସ୍ତ୍ର କାରବାର ହେଉଛି ଆମେରିକାର ଗୋଟାଏ ଲାଭଜନକ ବ୍ୟବସାୟ । ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି କରି ଆମେରିକା ତା'ର ସହଯୋଗୀ ମଧ୍ୟପ୍ରାଚ୍ୟ ରାଷ୍ଟ୍ର ଯେମିତି କି ଇସ୍ରାଏଲ୍ , କୁଏତ୍ , କାତାର ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ଭଳି ଦେଶମାନଙ୍କୁ କେତେକ ପ୍ରମୁଖ ମଡେଲ୍ ଟାଇପ୍ ଅସ୍ତ୍ରଶସ୍ତ୍ର ବିକିବାପାଇଁ ନିଷ୍ପତ୍ତି ନେଇଛି ଆମେରିକୀୟ ପ୍ରଶାସନ । ଏହାଦ୍ୱାରା ସେସବୁ ମଧ୍ୟପ୍ରାଚ୍ୟ ଦେଶମାନଙ୍କ ସହିତ ଅତି କମ୍ ରେ ପ୍ରାୟ ୮୬୦ କୋଟି ଡଲାର୍ ମୂଲ୍ୟର କାରବାର କରିପାରିବ ଆମେରିକା। ଯାହାକୁ ଜାତିସଙ୍ଘ ପକ୍ଷରୁ ବିରୋଧ କରାଯାଇଥିଲେ ମଧ୍ୟ ଜାତୀୟ ସୁରକ୍ଷାଗତ କାରଣ ଦର୍ଶାଇ ଆମେରିକା ତା'ର ନିଷ୍ପତ୍ତିରେ କାଏମ୍ ରହିଛି। ନିକଟ ଭବିଷ୍ୟତରେ ଏପରି ଏକ ମେଗା ଡ୍ରୋନ ଡିଲ୍ ସ୍ୱାକ୍ଷରିତ ହେବାକୁ ଯାଉଛି ଯାହା ଫଳରେ ପରିବର୍ତ୍ତନ ହୋଇପାରେ ପଶ୍ଚିମ ଏସିଆର ସାମରିକ ସମୀକରଣ।

# ଫଳାଫଳ

ପ୍ରକାଶ ପାଇଗଲା ପରୀକ୍ଷାର ଫଳ । କିଏ ପାସ୍ ତ କିଏ ଫେଲ୍ । ଜିତିବାବାଲା ତ ଜିତିଲେ, ହେଲେ ହାରିବାବଲା କିନ୍ତୁ ବିଗିଡ଼ିଗଲେ। ଫେଲ୍ ହୋଇଥିବା ପିଲାମାନଙ୍କୁ ସମସ୍ତେ ଚିଡ଼ାଇଲେ। ଗାଁ ସ୍କୁଲ୍‌ରେ ପଢୁଥିଲେ ରାମ ଓ ଦାମ। ସେହି ସ୍କୁଲ୍ ରେ ବି ପଢୁଥିଲେ ରାନୀ ଏବଂ ମାନୀ। ଦଶମ ଶ୍ରେଣୀ ପରୀକ୍ଷାଫଳ ପ୍ରକାଶ ପାଇଲା। ସ୍କୁଲ୍ ର ପ୍ରାୟ ସମସ୍ତ ପିଲା ପାସ୍ ହୋଇଗଲେ। ହେଲେ ଦୁର୍ଭାଗ୍ୟବଶତଃ ଦାମ ଏବଂ ମାନୀ ଫେଲ୍ ହୋଇଗଲେ। ଅନ୍ୟମାନେ ସେମାନଙ୍କୁ ପରିହାସ କଲେ। ସେମାନେ ତ ଠିକ୍ ଭାବରେ ପଢ଼ାପଢ଼ି କରୁଥିଲେ। ତଥାପି ସେମାନେ କିନ୍ତୁ ଫେଲ୍ ହୋଇଗଲେ। କାରଣ କେଉଁଠି ନା କେଉଁଠି ତ୍ରୁଟି ରହିଗଲା। ଯେ ପାଇଁ ସେମାନେ ଫେଲ୍ ହୋଇଗଲେ। ତ୍ରୁଟି କ'ଣ ହୋଇପାରେ। ପଢ଼ାପଢ଼ିରେ କେବଳ ତ୍ରୁଟି ହୋଇପାରେ। ଏହା ତ ସାଧାରଣ କଥା। ସେମାନେ ପଢ଼ାପଢ଼ିରେ ଭଲ ଥିଲେ, ତେବେ ଶେଷ ମୁହୂର୍ତ୍ତରେ ସେମାନଙ୍କ ପଢ଼ାପଢ଼ିରେ ନିଶ୍ଚିତରୂପେ କିଛି ନା କିଛି ତ୍ରୁଟି ରହିଗଲା। ଅବହେଳା ରହିଗଲା। ଯେଉଁଥିପାଇଁ ସେମାନେ ଫେଲ୍ ହୋଇଗଲେ। ଘରେ ବାହାରେ ସବୁଆଡେ ସେମାନଙ୍କୁ ଶୁଣିବାକୁ ପଡ଼ିଲା। କେତେବେଳେ ସେମାନେ ଘରେ ଶୁଣିଲେ ତ କେତେବେଳେ ସେମାନେ ଘର ବାହାରେ ବି ଶୁଣିଲେ। ସବୁଆଡୁ ଶୁଣାଶୁଣି କରି ସେମାନେ ଶେଷରେ ଥକି ପଡ଼ିଲେ। ଭାରି ମନ ଦୁଃଖରେ ସେମାନେ ଏପଟ ସେପଟ ହେବାରେ ଲାଗିଲେ। କେବେ କେବେ ତାଙ୍କ ମନ ଭାରୀ ଖରାପ ହୋଇଗଲା । କେତେବେଳେ ଯେ ସେମାନେ ଯେ କ'ଣ ନିଷ୍ପତ୍ତି ନେଇଯିବେ , ସେମାନେ ନିଜେ ବି ଜାଣିପାରୁ ନଥିଲେ। ଏମିତି ସେମିତି ମନ ଦୁଃଖରେ ବୁଲାବୁଲି କରୁ କରୁ ସେମାନେ ଦିନେ ଏକାଠି ହୋଇଗଲେ। ପରସ୍ପରର ଦୁଃଖ କୁ ସେୟାର କଲେ। ତଥାପି ସେମାନଙ୍କ ଦୁଃଖ କେବେ ବି ଲାଘବ ହେଲାନାହିଁ । ସେମାନେ କେବେ କେବେ କିଛି ଭୁଲ୍ ନିଷ୍ପତ୍ତି ନେବାପାଇଁ ସେମାନେ ଆଗଭର ହୋଇଯାଉଥିଲେ। ପୁଣି କାହିଁକି କେଜାଣି ସେମାନଙ୍କ ମନ ଏବଂ ବିବେକ ସେମାନଙ୍କୁ ଅଟକାଉଥିଲା। ତଥାପି ଭରସା ପାଉନଥିଲା। ଏଣୁ ସେମାନଙ୍କ ପରିବାର ଲୋକେ ସମୟ ସମୟରେ ବ୍ୟସ୍ତବିବ୍ରତ ହୋଇପଡୁଥିଲେ। ସେମାନଙ୍କ ପରିବାର ଲୋକେ ବେଳେ ବେଳେ ଚିନ୍ତିତ ହୋଇପଡୁଥିଲେ। କାଳେ କେତେବେଳେ କିଛି ଭୁଲ୍ ପଦକ୍ଷେପ ନେଇଯିବେ ସେମାନେ । ଥରେ ଏକୁଟିଆ ବୁଲାବୁଲି କରୁଥିବା ସମୟରେ ସେମାନେ ରାମ ଏବଂ ରାନୀଙ୍କୁ ସାମ୍ନା କଲେ ଯେଉଁମାନଙ୍କ ଠାରୁ ସେମାନେ ଧୈର୍ଯ୍ୟର ଶିକ୍ଷା ପାଇଲେ ଯାହାର ଫଳ ମିଠା ବୋଲି ସମସ୍ତେ ଜାଣନ୍ତି, ଯାହାର ଫଳ ଅତି ମଧୁର ବୋଲି ସମସ୍ତେ ଅନୁଭବ କରନ୍ତି। ପରୀକ୍ଷା ତ ଲାଗି ରହିବ ଜୀବନରେ । ତେବେ ପରୀକ୍ଷା ପରବର୍ତ୍ତୀ ଫଳାଫଳ କିନ୍ତୁ ସବୁବେଳେ ସମାନ ରହେନାହିଁ।

# ପ୍ରେମ ଉନ୍ମୀଳନ ଚାବିକାଠି ଶ୍ରୀ ସତ୍ୟସାଇ ବାଳବିକାଶ



## କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ

ଶିକ୍ଷା ଜୀବନରେ ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଫୁଟ ହୋଇଥାଏ। ଶିକ୍ଷାକୁ ଜୀବନରେ ମୂଳପିଣ୍ଡ କହିଲେ ଅତ୍ୟୁକ୍ତି ହେବନାହିଁ, କିନ୍ତୁ ଶିକ୍ଷା କ'ଣ? ଏହା କେତେ ପ୍ରକାରର? ଏହାର ଲକ୍ଷଣ କ'ଣ? ଏହା ଜାଣିବା ନିହାତି ଜରୁରୀ। ଆଜିକାଲି ସମାଜରେ ଶିକ୍ଷା କହିଲେ କେବଳ ଭଲ ନଂ ରଖି ପରିକ୍ଷାରେ ଉତିର୍ଣ୍ଣ କରିବା, ପରେ ଭଲ ନିଯୁକ୍ତି ଖଣ୍ଡେ ପାଇ ଭଲରେ ଆରାମରେ ବାସ କରିବା। ତା'ପରେ ଶିକ୍ଷାର ଅନ୍ତ ଘଟେ। ସଂସ୍କୃତରେ ଅଛି:-

ବିଦ୍ୟା ଦଦାତି ବିନୟଂ
ବିନାୟଦ ଜାତି ପାତ୍ରତାମ୍
ପାତ୍ରତ୍ୱାତ ଧନଂ ଆପ୍ନୋତି
ଧନାଦ୍ ଧର୍ମ ତତଃ ସୁଖମ୍‌ର

ଆମେ ଏହି ଶ୍ଳୋକରେ ୧ମ, ୨ୟ ଓ ୩ୟ ପାଦ ପର୍ଯ୍ୟନ୍ତ ଚାଲିଆସୁଛେ କିନ୍ତୁ ତା'ପରେ ଧନାଦ୍ ଧର୍ମ ତତଃ। ଏତିକି ବେଳକୁ ସୁଖ କହିଲେ କେବଳ ବ୍ୟକ୍ତିଗତ ସୁଖକୁ ଆପଣେଇ ନେଇଛେ। ଫଳରେ ସମାଜରେ ଆମେ ନିଜକୁ ଛୋଟ କରିବସୁଛେ। ଯଦି ଏହି ସୁଖ ସମସ୍ତଙ୍କ ମଙ୍ଗଳରେ ବିନିଯୋଗ ହେଇପାରନ୍ତା, ତା'ହେଲେ ସାମୂହିକ ସୁଖ ଫେରିଆସନ୍ତା। ଏକ ସୁସ୍ଥ ସମାଜ ଗଠନ ହୋଇପାରନ୍ତା। ଆଜି ଜଣେ ଶିକ୍ଷକ, ଡ଼ାକ୍ତର, ଇଂନିୟର କିମ୍ବା ଯେ କୌଣସି କର୍ମ କ୍ଷେତ୍ରରେ ଥାଉନା କାହିଁକି ପ୍ରଥମେ ଜଣେ ଭଲ ମଣିଷ ହେବା ଦରକାର। ଆଜିକାଲି ସମାଜରେ ସବୁ ବାପା ମା' ଚାହାନ୍ତି ମୋ ପୁଅ ଗୋଟେ ଭଲ ଡ଼ାକ୍ତର କିମ୍ବା ଭଲ ଇଂନିୟର ହେଉ, କିନ୍ତୁ ସେମାନେ ପ୍ରଥମେ ଭାବିବା ଉଚିତ୍ ଯେ ମୋ ପୁଅ ଗୋଟେ ଭଲ ମଣିଷ ହେଉ ତା ପରେ ଡ଼ାକ୍ତର। ଏହା ଫଳରେ ସେ ସମାଜ ପ୍ରତି ଦାଇତ୍ୱ ଆପେ ଆପେ ବୁଝିପାରିବ। ଯେଉଁ କର୍ତ୍ତବ୍ୟ ଲାଗି ସେ ଆଜି ସମାଜରେ ପରିଚିତ ସେ ତାକୁ ଠିକ୍ ଭାବେ ତୁଲାଇପାରିବ।

ପୂର୍ବରୁ ଗୁରୁକୁଳ ଆଶ୍ରମରେ ଶିଷ୍ୟମାନେ ଗୁରୁଙ୍କ ଆଶ୍ରମରେ ରହି ଏହି ଶିକ୍ଷାଲାଭ କରୁଥିଲେ। ଶିକ୍ଷା ବିଷୟ ଭିତିକ ଏବଂ ପାଶ୍ଚାତ୍ୟଭିମୁଖି ହୋଇଯାଇଛି ଆଶ୍ରମରେ ବୌଷୟିକ ଶିକ୍ଷା ସହ ବୌଦିକ ଓ ଆଧାତ୍ମିକ ଶିକ୍ଷା ଦିଆଯାଉଥିଲା। ତେଣୁ ସମଗ୍ର ଶିକ୍ଷା ସମାପ୍ତ ପରେ ସମାଜ ପ୍ରତି ଦାଇତ୍ୱ, କର୍ତ୍ତବ୍ୟ ଓ ନୈତିକ ଜ୍ଞାନର ଅଧିକାରୀ ହୋଇଥିଲେ। ଶିଷ୍ୟମାନେ ସମାଜରେ ଯେ କୌଣସି ବିଭାଗରେ ରହିଲେ ମଧ୍ୟ ଶୃଙ୍ଖଳାର ସହ କାର୍ଯ୍ୟ କରୁଥିଲେ। ଆଜିକାଲି ଶିକ୍ଷା କିନ୍ତୁ ପ୍ରକୃତ ଶିକ୍ଷାର ସତା ହରାଇ ବସିଛି। ଅର୍ଥ ଓ ଶିକ୍ଷା ଏ ଦୁହେଁ ପରସ୍ପର ବିରୋଧୀ କିନ୍ତୁ ଆଜି ଅର୍ଥ ଓ ଶିକ୍ଷା ଏକାର୍ଥ ବୋଧକ ହୋଇଯାଇଛି। ଉପଯୁକ୍ତ କାମ ନ ଥାଇ ମଧ୍ୟ ଜଣେ କୌଣସି ନିର୍ଦ୍ଧିଷ୍ଟ ବିଭାଗର ଉଚ୍ଚ ପଦବୀରେ ଅବସ୍ଥାପିତ ହୋଇପାରିଛି। ଫଳରେ ସୃଷ୍ଟି ହୋଇଛି ବିଶୃଙ୍ଖଳା ସମାଜକୁ କଳୁଷିତ ଏବଂ ପଙ୍ଗୁ କରିବାରେ ଲାଗିଛି।

ସଂପ୍ରତି ସମାଜରେ ଶ୍ରୀ ସତ୍ୟସାଇଙ୍କ ଆର୍ବିଭାବ ଏବଂ ବାଳବିକାଶ ଶିକ୍ଷାର ପ୍ରଚଳନ ବାସ୍ତବିକ ଏକ ଅଲୌକିକ ବ୍ୟବସ୍ଥା। ଆଜିର ସମାଜ ଅବକ୍ଷୟ ଭଗବାନ ସାଇଙ୍କ ମତରେ ଶିଶୁ ଏ ଦେଶର ଅବକ୍ଷୟର ରକ୍ଷା କରିପାରିବ। ଶିଶୁ ପ୍ରକୃତ ଶିକ୍ଷା ଲାଭ କଲେ ଏହା ନିଜର ନୈତିକ ବୃଦ୍ଧି ସଙ୍ଗେ ସଙ୍ଗେ ସମାଜର ମଙ୍ଗଳ କାର୍ଯ୍ୟରେ ନିୟୋଜିତ ହୋଇପାରିବ। ସେଥିପାଇଁ ଭଗବାନ ଶ୍ରୀ ସତ୍ୟସାଇ ୧୯୬୯ ମସିହାରେ ବାଳବିକାଶ ଶିକ୍ଷା ଆରମ୍ଭ କରିଥିଲେ। ବାଳବିକାଶ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ଦିବ୍ୟ ସଂକଳ୍ପ। ସଂହାର ନୁହେଁ ସଂସ୍କାରର ରୂପାୟନ ପାଇଁ ଏକ ଦିବ୍ୟ ମାଧ୍ୟମ। ବାଳବିକାଶ ଏକ କ୍ଷେତ୍ର ଯେଉଁଠି ପ୍ରେମ ଓ ପ୍ରେମ ଆଧାରିତ ଶୃଙ୍ଖଳା ଏବଂ ହୃଦୟରୁ ହୃଦୟ ରୂପକ ଶିକ୍ଷା ପଦ୍ଧତିର ସଂଘାତରେ ପ୍ରତ୍ୟେକ ଶିଶୁ ଏକ ଦିବ୍ୟ ଯୁବକରେ ରୂପାନ୍ତରିତ ହୋଇଉଠେ। ସେହି ଦିବ୍ୟ ଯୁବକ ଯେତେବେଳେ ସଂଗଠନରେ ସକ୍ରିୟ ଭାବରେ ପାଦଦିଏ ତାର ସୁରଭିରେ ସଂଗଠନରେ ଆନନ୍ଦ, ଶାନ୍ତି ଓ ପ୍ରେମର ତରଙ୍ଗ ଖେଳିଯାଏ। ଆଜି ଯଦି ସେହିପରି ଯୁବଶକ୍ତି ସଂଗଠନର ମୂଳ ସ୍ରୋତ ସହ ମିଶି ପାରନ୍ତେ ତେବେ ସଂଗଠନିକ ଜୀବନ ପ୍ରେମମୟ ହୋଇଯାଆନ୍ତା ନାହିଁକି?

ଶିକ୍ଷା ପ୍ରକୃତରେ ବିଷୟ ଭିତିକ ଶିକ୍ଷା ଓ ଆଧାତ୍ମିକ ଶିକ୍ଷା ସେହିପରି ଦୁଇ ଭାଗରେ ବିଭକ୍ତ। ବିଷୟ ଭିତିକ ଶିକ୍ଷା ଜୀବିକାର୍ଜନ ନିମନ୍ତେ ଆବଶ୍ୟକ କିନ୍ତୁ ତା ସହିତ ଆଧାତ୍ମିକ ଶିକ୍ଷା ନିହାତି ଜରୁରୀ, କାରଣ ଏହା ଜୀବନ ସହିତ ଜଡ଼ିତ। ଜଣେ ବ୍ୟକ୍ତିର ଜୀବନର ପୂର୍ଣ୍ଣାଙ୍ଗତା କେବଳ ବିଷୟାଭିତିକ ଶିକ୍ଷାରେ ଆସେ ନାହିଁ। ଜୀବନରେ ପୂର୍ଣ୍ଣତା ଅନୁଭବ କରିବା ପାଇଁ ଆଧାତ୍ମିକ ଶିକ୍ଷାର ଆବଶ୍ୟକ ରହିଛି। ତେଣୁ କୁହାଯାଇଛି ଯାବିଦ୍ୟା ସା ବିମୁକ୍ତୟେ ଅର୍ଥାତ୍ ଯାଇ ଅନ୍ଧକାରକୁ ଆଲୋକକୁ ନେଇ ମୋକ୍ଷପ୍ରାପ୍ତି କରାଏ, ତାହା ପ୍ରକୃତ ବିଦ୍ୟା। ସେ ବିଦ୍ୟା ହେଉଛି ଆଧାତ୍ମିକ ଭିତିକ ଶିକ୍ଷା। ବାଳବିକାଶ ସେହିପରି ଏକ ଶିକ୍ଷା ଯାହା ଶିଶୁର ପୂର୍ଣ୍ଣାଙ୍ଗ ବିକାଶ କରିଥାଏ। ପ୍ରଥମରୁ ହିଁ ଶିଶୁଟି ମନରେ ଗୁରୁଜନମାନଙ୍କ ପ୍ରତି ମମତା ବୋଧ ଜାଗ୍ରତ ହୋଇଥାଏ। ପରବର୍ତ୍ତୀ ସମୟରେ ଏହା ଦାଇତ୍ୱବୋଧର ସହାୟତା ହୋଇଥାଏ। ଏଜୁକେଶନ୍ ଓ ଏଜୁକେୟାର ମଧ୍ୟରେ ଏଜୁକେଶନ୍ ବାହ୍ୟ ସହିତ ସଂମ୍ପର୍କ। ଆମେ ଯେଉଁ ଶିକ୍ଷା ବା ଜ୍ଞାନ ଆହରଣ କରୁଛେ ଏହା ସମାଜ ନିମନ୍ତେ ବିନିଯୋଗ ହେବା ଉଚିତ୍।

ଶ୍ରୀ ସତ୍ୟ ସତ୍ୟସାଇ ବାଳବିକାଶରେ ଏ ସବୁ ପ୍ରତି ଦୃଷ୍ଟି ଦେବା ସହ ଚରିତ୍ର ଆଚରଣ ଓ ସଦ୍‌ଗୁଣକୁ ସର୍ବାଧିକ ଗୁରୁତ୍ୱ ଦିଆଯାଏ। ଶିଶୁଟିର ମାନସିକ ସ୍ତରରେ ମଧ୍ୟ ଉନ୍ନତି ଆଣିବା ନିମନ୍ତେ ଶିକ୍ଷା ଦିଆଯାଏ। ଯାହା ଆଜିକାଲି ଶିକ୍ଷାଠାରୁ ବହୁଦୂର ଆଗରେ। ଶିଶୁଟିର ମନରେ ଶରୀରରେ ଭଗବାନ ପ୍ରଥମରୁ ସବୁ ଶିକ୍ଷା ଖି ଦେଇଥାନ୍ତି। ସ୍ୱତଃ ପ୍ରକୃତ ଭାବରେ ଏହା ବାହାରକୁ ଆସିଥାଏ, ଠିକ୍ ସେହିପରି ସବୁ ଶିଶୁ ଭିତରେ ଯାହା ଅଛି ତାକୁ ବାହାରକୁ ଅଣିବା ଉଚିତ୍, କିନ୍ତୁ ଆଜିର ଶିକ୍ଷାରେ ଶିଶୁ ଉପରେ ବୋଝ ଲଦି ଦିଆଯାଉଛି। ଫଳରେ ତାହାର ଅନ୍ତଃର୍ନିହିତ ଗୁଣାବଳୀର ବିକାଶ ହୋଇପାରୁନାହିଁ। ବାଳବିକାଶ ଶିକ୍ଷାରେ ଆଧାତ୍ମିକ ଶିକ୍ଷା, ଭଜନ ଶିକ୍ଷା, ଶ୍ଳୋକ ଶିକ୍ଷା ଶିଶୁ ମନରେ ଭକ୍ତିର ଭାବ ଗଢ଼ିତୋଳେ। ପ୍ରକୃତରେ ଶ୍ରୀ ସତ୍ୟସତ୍ୟ ସାଇ ବାଳବିକାଶ ଶିକ୍ଷା ଆଜିର ଶିକ୍ଷା ସହ ନିହାତି ଅପରିହାର୍ଯ୍ୟ।

ସର୍ବୋପରି ପ୍ରତ୍ୟେକ ଶିଶୁ ଏକ ଦିବ୍ୟ ଶିଶୁ। ଅମୃତର ସନ୍ତାନ ଭାବରେ ଭଗବାନ ତାକୁ ଗଢ଼ିଛନ୍ତି। ତା'ର ମସ୍ତିଷ୍କରେ ୧୦,୦୦୦ କୋଟି ନ୍ୟୁରନ ପରମାତ୍ମା ପ୍ରେମଶକ୍ତି ଦ୍ୱାରା ପରିଚାଳିତ ହୋଇଅଛି। ଶିକ୍ଷାପରେ ପଂଚକୌଶଳ ମାଧ୍ୟମରେ ନ୍ୟୁରନମାନଙ୍କ ସହ ଐକ୍ୟତାର ରକ୍ଷା କରିପାରିଲେ। ମସ୍ତିଷ୍କର ବାମ ଓ ଦକ୍ଷିଣ ଗୋଲାର୍ଦ୍ଧରେ ପଜିଟ୍ରନ ସଂଖ୍ୟା ବୃଦ୍ଧିପାଏ। ଫଳରେ ଶିଶୁଟି ଦୟା, କରୁଣା, ତ୍ୟାଗ ଓ ସହାନୁଭୂତି ଆଦି ଦିବ୍ୟଗୁଣରେ ସମନ୍ୱିତ ହୁଏ। ସେହି ଶିଶୁମାନଙ୍କ ସେହି ଅନ୍ତରଙ୍ଗ ସଂସ୍ପର୍ଶରେ ଆସିଲେ କର୍ମୀମାନଙ୍କ ମଧ୍ୟରେ ମଧ୍ୟ ରୂପାନ୍ତରଣ ଆରମ୍ଭ ହୁଏ।

ତେଣୁ ଭଗବାନ ଶ୍ରୀ ସତ୍ୟସତ୍ୟ କହନ୍ତି ବାଳବିକାଶ କେବଳ ଶିଶୁମାନଙ୍କ ଜୀବନରେ ନୁହେଁ, ସଂଗଠନ ଓ ସଂଗଠନରେ ପ୍ରତ୍ୟେକ କର୍ମଠ ମଧ୍ୟରେ ପ୍ରେମ ଉନ୍ମୀଳନର ଚାବିକାଠିନ୍ତି। ଏହା ଏକ ସୁସ୍ଥ ଏକ ସୁନ୍ଦର ସମାଜ ଗଠନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

ଜୌପ୍ରଦୀ ଉଆସ
ଷଠିପୁର, ରାଣୀଗୋଡ଼ା
ଯାଜପୁର
ମୋ. ନଂ.-
୭୮୪୯୦୧୫୧୬୭

# ନିଷ୍ପ୍ରଭ ହେଉଛି ସାମୁଦ୍ରିକ ପ୍ରାଣୀ ମାନଙ୍କର ଧ୍ୱନୀ



## ନାରାୟଣ ଚନ୍ଦ୍ର ବିଶ୍ୱାଳ

ବର୍ତ୍ତମାନ ସମଗ୍ର ବିଶ୍ୱରେ ହର୍ମୋଜ ପ୍ରଣାଳୀରେ ସାମୁଦ୍ରିକ ଉତ୍ତେଜନା ଓ ସମଗ୍ର ସମୁଦ୍ରାଞ୍ଚଳ ଯେଉଁପରି ବିପଦଜନକ ହୋଇପଡ଼ିଛି ତାହା ପରିବେଶ ବିଜ୍ଞାନୀ ମାନଙ୍କ ପାଇଁ ବଡ଼ ଚିନ୍ତାର ବିଷୟ ପାଲଟିଛି। ଦିନ ଥିଲା ତିମି ମାନଙ୍କ ସଂଗୀତ ଓ ବିଶାଳକାୟ ଡଲଫିନ୍‌ର ଏକ ପ୍ରକାର ସୁସ୍ଥୁରି ଶବ୍ଦରେ ପୁରି ଉଠୁଥିଲା ସମୁଦ୍ରର ବିସ୍ତୃତ ଅଞ୍ଚଳ। ଦିଗନ୍ତ ବିସ୍ତାରୀ ପର୍ଯ୍ୟନ୍ତ ଏହା ଏକ ସୁମଧୁର ସଂଗୀତ ପରି ଅନେକଙ୍କୁ ଶୁଭିଥାଏ। ବର୍ତ୍ତମାନ ଆମ ମାନଙ୍କ ତିଆରି ମେସିନରୁ ଅବିରାମ କର୍କଶ ଧ୍ୱନି ନିର୍ଗତ ହୋଇ ସେମାନଙ୍କ ସ୍ୱର ଲହରିକୁ ଏକ ପ୍ରକାର ଅଥଳ ଜଳରେ ହଜାଇ ଦେଇଛି। ସାମୁଦ୍ରିକ ପରିସଂସ୍ଥାନ ପ୍ରତି ଭୟାବହ ବିପଦ ହୋଇ ବୃଦ୍ଧି ପାଉଛି ସାଗର ଶବ୍ଦ ପ୍ରଦୂଷଣ। ବିଶେଷଜ୍ଞ ମାନଙ୍କ ଗବେଷଣାର ତଥ୍ୟ ଯାହା ଉଲ୍ଲେଖ କରିଛି ସାଗର ଶବ୍ଦ ପ୍ରଦୂଷଣର ମୁଖ୍ୟ କାରଣ ହେଉଛି ବାଣିଜ୍ୟିକ ଜାହାଜ। ଏବେ ପୃଥିବୀର ବିଭିନ୍ନ ସମୁଦ୍ର ଅଞ୍ଚଳରେ ୨୫୦୦୦ରୁ ଉର୍ଦ୍ଧ୍ୱ ଅଧିକ ସଂଖ୍ୟକ ଜାହାଜ ଆତଯାତ କରୁଛି। ସେମାନଙ୍କ ଇଞ୍ଜିନ ପଙ୍ଖାରୁ ନିରନ୍ତର କର୍କଶ ଶବ୍ଦ ଅଥଳ ଜଳରାଶିକୁ ଗତି କରୁଛି। କେବଳ ବାଣିଜ୍ୟିକ ଜାହାଜ ନୁହେଁ ବିଶାଳକାୟ ସାମରିକ ଜାହାଜ ବା ଯୁଦ୍ଧପୋତ ଏପରିକି ବିଳାସକାରୀଙ୍କ ପାଇଁ ଯେଉଁ କ୍ରୁଜ୍ ସବୁ ସମୁଦ୍ରରେ ଆତଯାତ ହେଉଛି ସେ ସବୁ ସାମୁଦ୍ରିକ ପରିସଂସ୍ଥାର ବିପଦକୁ ଆହୁରି ସଂଗୀନ କରୁଛି। ଭୟାନକ ଚିତ୍ରଟି ହେଉଛି ସଦ୍ୟ ହର୍ମୋଜ ପ୍ରଣାଳୀକୁ ନିଜ ଦଖଲରେ ରଖିବା ପାଇଁ ଇରାନ ଦ୍ୱାରା ହଜାର ହଜାର ସାମୁଦ୍ରିକ ମାଇନ୍ସ ବିଛା ଯାଇଛି ଯାହାର ସଂସ୍ପର୍ଶରେ ଆସିବା ମାତ୍ରେ ଯୁଦ୍ଧପୋତ ଗୁଡ଼ିକ ଅଚିରେ ଧ୍ୱଂସ ହୋଇଯିବ। ଆମେ ଭଲ ଭାବେ ଜାଣିଛେ ଆମ ବିଶ୍ୱର ଅଧାରୁ ଅର୍ଦ୍ଧେକ ଭାଗ ଜଳକୁ ନେଇ ଗଠିତ। ସାଗର ଭିତରେ ତୈଳ ଓ ପ୍ରାକୃତିକ ବାଷ୍ପ ସନ୍ଧାନ କରିବା ପାଇଁ ବିଶ୍ୱର ବଡ଼ ଶକ୍ତି କୁହାଯାଉଥିବା ଆମେରିକା, ଋଷ, ଚାଇନା ସେମାନଙ୍କର ବିଶାଳକାୟ ସାଇଜମିକ୍ ଏୟାର ଗନ୍ କ୍ଷଣକୁ କ୍ଷଣ ଶକ୍ତିଶାଳୀ ବିସ୍ଫୋରଣ ଘଟାଉଛନ୍ତି। ସେହିପରି ସେନାବାହିନୀ ନିମିତ୍ତ ଆବଶ୍ୟକ ପଡୁଥିବା ନେଭାଲ ସୋନାର, ବନ୍ଦର ଓ ପବନ କଳ ନିମନ୍ତେ ସ୍ତମ୍ଭ ଉଠାଇବା ଲାଗି ସମୁଦ୍ରରେ କରାଯାଇଥିବା ଖୋଦନ ଓ ମାଛ ଧରା ଜାହାଜରୁ ନିର୍ଗତ ଶବ୍ଦ ମଧ୍ୟ ସାଗର ଧ୍ୱନୀ ପ୍ରଦୂଷିତ କରୁଛି। ଦିନକୁ ଦିନ ଲକ୍ଷ ଲକ୍ଷ ମାଛଧରା ଛୋଟ ବଡ଼ ଜାହାଜ ଓ ଡଙ୍ଗା ଯେଉଁପରି ଭାବରେ ରାସାୟନିକ ପ୍ରସ୍ତୁତି ସହ ସମୁଦ୍ରରେ ଆତଯାତ ହେଉଛନ୍ତି ଏହା ସାଗରର ଶବ୍ଦ ପ୍ରଦୂଷଣ ନୁହଁ ଅଥଳ ଜଳରାଶିକୁ ମଧ୍ୟ ବିଷାକ୍ତ କରିଦେଉଛନ୍ତି।

ସମଗ୍ର ବିଶ୍ୱରେ ବାଣିଜ୍ୟ କ୍ଷେତ୍ର ପାଇଁ ସାମୁଦ୍ରିକ ପଥ ଗୁରୁତ୍ୱପୂର୍ଣ୍ଣ କାରଣ ଏହି ବ୍ୟବସାୟ ପାଇଁ ଅଳ୍ପ ଖର୍ଚ୍ଚ ହୋଇଥାଏ। ତେବେ ଏହି ବାଣିଜ୍ୟ ବୃଦ୍ଧି ହେତୁ ସମୁଦ୍ରରେ ଦିନକୁ ଦିନ ଆହୁରି ବଡ଼ ବଡ଼ ଓ ଦ୍ରୁତଗାମୀ ଜାହାଜ ସବୁ ଚଳାଚଳ କରୁଛନ୍ତି। ତେଣୁ କରି ୧୯୬୦ ଦଶକକୁ ଦେଖିଲେ ବର୍ତ୍ତମାନ ସମୟରେ କେତେକ ଅଞ୍ଚଳରେ ସାମୁଦ୍ରିକ ଶବ୍ଦ ପ୍ରଦୂଷଣ ପ୍ରତି ଦଶନ୍ଧିରେ ଦୁଇ ଗୁଣିତ ନୁହେଁ ବରଂ ବହୁ ଗୁଣିତ ହୋଇ ଆସୁଛି। ଆମ ପାଖରେ ଥିବା ଭାରତ ମହାସାଗର କଥା ଆସନ୍ତୁ ପ୍ରଥମେ ବିଚାରିବା। ଏହି ମହାସାଗରରେ ଭେଳା ଭେଳା ଜାହାଜ ଗମନା ଗମନ ଯୋଗୁଁ ସାଗରର ଶବ୍ଦ ପ୍ରଦୂଷଣ ସମସ୍ୟା ଉତ୍କଟ ହେଉଛି। ସାମୁଦ୍ରିକ କାର୍ଯ୍ୟକଳାପ ବୃଦ୍ଧି ହେତୁ ଭାରତର ପଶ୍ଚିମ ଉପକୂଳରେ ମଧ୍ୟ ଶବ୍ଦ ପ୍ରଦୂଷଣ ମଧ୍ୟ ଖୁବ ବୃଦ୍ଧି ପାଉଛି। ଆମେ ସମସ୍ତେ ଭୁଲି ଯାଉଛେଯେ, ଏହି ଅଥଳ ଜଳ ଭିତରର ଅନ୍ଧକାର ଦୁନିଆରେ ସାମୁଦ୍ରିକ ଜୀବମାନେ ଧ୍ୱନି ଉପରେ ନିର୍ଭର କରି ଚଳନ୍ତି। ଶହ ଶହ କିଲୋମିଟର ଦୂରରେ ଥିବା ଅନ୍ୟ ତିମି ମାନଙ୍କ ସହିତ ଭାବ ଯୋଡ଼ିବା ଲାଗି ତିମି ମାନେ ନିମ୍ନ ସ୍ୱରରେ ଗୀତ ଗାଇ ଥାଆନ୍ତି। ଡଲଫିନ ମାନେ ଇକୋଲୋକେସନ ବା ନିଜେ ଛାଡୁଥିବା ଧ୍ୱନୀର ପ୍ରତିଧ୍ୱନୀ ଉପରେ ନିର୍ଭର କରି ଶିକାର ସନ୍ଧାନ କରନ୍ତି। ବର୍ତ୍ତମାନ ଯେଉଁପରି ବିଶାଳକାୟ ମେସିନ ସବୁ ଆତଯାତ ହେଉଛି ଓ ସେମାନଙ୍କର ଧ୍ୱନୀ ଯୋଗୁଁ ସାମୁଦ୍ରିକ ପ୍ରାଣୀ ମାନଙ୍କର ଆବହମାନ ସମୟରୁ ରହି ଆସିଥିବା ଧ୍ୱନୀ ସତେଯେପରି ନିଷ୍ପ୍ରଭ ହୋଇଯାଉଛି। କେବଳ ସେମାନଙ୍କ ଦୁଃଖ ଏତିକିରେ ସରିନାହିଁ। ସାଥି ପାଇବା ହେଉ ବା ଖାଦ୍ୟ ସନ୍ଧାନ ଏପରିକି ବିପଦ ଏଡ଼ାଇବା ଏହି ନିରୀହ ସାମୁଦ୍ରିକ ଜୀବଙ୍କ ପକ୍ଷେ କଷ୍ଟକର ହୋଇଯାଉଛି।

ସମସ୍ୟାଟି ଏତିକିରେ ସରୁନାହିଁ, ଶବ୍ଦ ପ୍ରଦୂଷଣ ଯୋଗୁଁ ସାମୁଦ୍ରିକ ଜୀବ ମାନଙ୍କ ମସ୍ତିଷ୍କ ବି ଭାରାକ୍ରାନ୍ତ ହେଉଛି। ସେମାନେ ସାମହିକ ଅଥବା ସବୁଦିନ ପାଇଁ ସେମାନଙ୍କର ସ୍ମରଣ ଶକ୍ତି ହରାଉଛନ୍ତି। ଏହାସହ ସେମାନଙ୍କର ଦେଶାନ୍ତର ଯାତ୍ରା ଓ ଖାଦ୍ୟ ପାଇବାରେ ବଡ଼ ବ୍ୟାଘାତ ସୃଷ୍ଟି ହେଉଛି। ମେସିନ ଧ୍ୱନୀ ଯୋଗୁଁ ଭୟଭୀତ ହୋଇ ଜଳରୁ ବାହାରକୁ ଡିଆଁ ମାରିବା ଫଳରେ କେତେକ ଅସୁସ୍ଥତା ଭୋଗୁଛନ୍ତି, କିଛି ବେଳା ଭୂମିରେ ଫସି ଯାଉଛନ୍ତି ତ ଆଉ କେତେକଙ୍କ ଜୀବନ ଚାଲିଯାଉଛି। ପ୍ରମୁଖ ଜାହାଜ ଯାତାୟତ ମାର୍ଗ ହୋଇଥିବାରୁ ଭାରତ ମହାସାଗରରେ ସାମୁଦ୍ରିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି ତେଣୁ ଭାରତରେ ଥିବା ୭୫୦୦ କିଲୋମିଟର ସୁପ୍ରଶସ୍ତ ଉପକୂଳ ଅଚିରେ ସାଗର ଶବ୍ଦ ପ୍ରଦୂଷଣ କବଳିତ ହେବାର ଆଶଙ୍କା ଭିତରେ ରହୁଛି। ସାଗର ଶବ୍ଦ ପ୍ରଦୂଷଣ ଚିନ୍ତାଜନକ ହେଲେ ବି ନିରାକରଣର ବାଟ ରହିଛି। ଦ୍ରୁତ ଓ ବିଶାଳକାୟ ଜାହାଜ ଗୁଡ଼ିକ ବେଗ ହ୍ରାସ କଲେ ଶବ୍ଦ ପ୍ରଦୂଷଣ ଅନେକାଂଶରେ ହ୍ରାସ ପାଇବ। ଆଜିକାଲି ବୈଜ୍ଞାନିକ ପଦ୍ଧତିରେ ନୂତନ ଶୈଳୀରେ ନିର୍ମିତ ପଙ୍ଖା ଓ ଜାହାଜରେ ଦିଆଯାଉଥିବା ଆସ୍ତରଣ ଯୋଗୁଁ ବି ଶବ୍ଦ ପ୍ରଦୂଷଣ ହ୍ରାସ ପାଇପାରିବ। ତୈଳ ଓ ପ୍ରାକୃତିକ ବାଷ୍ପ ସନ୍ଧାନ ଏକ ରାଷ୍ଟ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ଏହାକୁ କିଏ ମନା କରୁନାହିଁ କିନ୍ତୁ ଏହାର ଗନ ପରିବର୍ତ୍ତେ କମ୍ପନ ଭିତ୍ତିକ ପଦ୍ଧତି ଅବଲମ୍ବନ କଲେ କମ ଶବ୍ଦ ହେବ। ସେହିପରି ସ୍ପର୍ଶକାତର ଅଞ୍ଚଳଗୁଡ଼ିକ ଚିହ୍ନଟ କରି ନିଃଶବ୍ଦ ସାମୁଦ୍ରିକ ଜୋନ କରାଗଲେ ସାଗର ଶବ୍ଦ ପ୍ରଦୂଷଣ କିଛି ମାତ୍ରାରେ ହ୍ରାସ ପାଇବ। ଆମେ ମାନେ ନିଜର ଶ୍ରବଣ ଶକ୍ତି ହ୍ରାସ ପାଇଲେ କିପରି କଷ୍ଟ ଅନୁଭବ କରିଥାଉ ତାହା ଜଣେ ଅନୁଭବୀଙ୍କୁ ଜଣା। ତେଣୁ ଆମ ସମଗ୍ର ଜୀବ ମଣ୍ଡଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଥିବା ଏହି ମୂକ ନିରୀହ ଜଳଚରଙ୍କ ଶବ୍ଦ ପ୍ରଦୂଷଣ କଥା ଆସନ୍ତୁ ଅନ୍ତତଃ ଟିକିଏ ତ ଚିନ୍ତା କରିବା!!

ବାକ୍ ଶ୍ରବଣ ବିଶେଷଜ୍ଞ,
'ଧ୍ୱନୀ', କାଠଗୋଲା ରୋଡ଼,
ମଙ୍ଗଳାବାଗ, କଟକ, ଦୂରଭାଷ :
୯୪୩୮୨୭୬୭୭୬୦

# ଧାଈ ନୁହେଁ, ସେ ଦ୍ୱିତୀୟ ମାଆ



## ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଲା

ଆଜି ହେଉଛି ବିଶ୍ୱ ଧାତ୍ରୀ ଦିବସ। ଜଣେ ଯନ୍ତ୍ରଣା କ୍ଲିଷ୍ଟ ଭାବରେ ଯେତେବେଳେ ଡାକ୍ତରଖାନାକୁ ପୀଡ଼ିତ ଭାବରେ ଯାଇଥାଏ ଆମ ସମାଜରେ କୁହାଯାଉଥିବା ଦ୍ୱିତୀୟ ଭଗବାନ ଡାକ୍ତରଙ୍କ ପରେ ଯଦି ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଓ ନିଷ୍ଠାପର ଦାୟିତ୍ୱ କାହାଙ୍କ ଉପରେ ନ୍ୟସ୍ତ ରହିଥାଏ ସେ ହେଉଛନ୍ତି ଜଣେ ଧାତ୍ରୀ ବା ଓଡ଼ିଆରେ ଆମେ ଧାଈ ଭାବରେ ଜାଣିଥାଉ। ଆମ ଭିତରେ ଅନେକ ବିଶେଷକରି ଯେଉଁମାନେ ଗାଁ ଗହଳିରେ ଭୂମିଷ୍ଠ ହୋଇଛନ୍ତି ସେମାନଙ୍କର ପିତାମାତା, ଜେଜେ ଜେଜିମା ଜଣେ ଧାଈଙ୍କର ଅକ୍ଲାନ୍ତ ଓ ନିଷ୍ଠାପର ପରିଶ୍ରମ ବିଷୟରେ ବେଶ ଭଲ ଭାବେ ଅବଗତ। କହିବାକୁ ଗଲେ ଜଣେ ସନ୍ତାନଟି ସୂର୍ଯ୍ୟାଲୋକ ଦେଖିଥାଏ ଏହି ଧାଈ ମାନଙ୍କ ସେବା ଓ ଗୁଣ ସମ୍ପନ୍ନ ହାତ ଦ୍ୱାରା। ୧୯୯୧ରୁ ପ୍ରତି ବର୍ଷ ମେ ୫ ତାରିଖରେ ପାଳିତ ହେଉଛି ଅନ୍ତର୍ଜାତୀୟ ଧାତ୍ରୀ ଦିବସ। ଏବେ ଭାରତ ସମେତ ମୋଟ ପଚାଶଟି ରାଷ୍ଟ୍ରରେ ଏହି ଦିବସ ପାଳନ କରାଯାଉଛି। ଏକବିଂଶ ଶତାବ୍ଦୀରେ ମଧ୍ୟ ଧାତ୍ରୀ ବା ଧାଈଙ୍କ ଦ୍ୱାରା ସନ୍ତାନ ପ୍ରସବ ବିଶେଷ ଗୁରୁତ୍ୱ ବହନ କରୁଛି। କାରଣ, ପ୍ରସବ ବେଳେ ସମଗ୍ର ବିଶ୍ୱରେ ବାର୍ଷିକ ପ୍ରାୟ ସାଢ଼େ ତିନି ଲକ୍ଷ ମହିଳା ପ୍ରାଣ ହରାଉଛନ୍ତି। ନବଜାତକଙ୍କ ମୃତ୍ୟୁ ସଂଖ୍ୟା କୋଡିଏ ଲକ୍ଷରୁ ଅଧିକ। ଓଡ଼ିଶାର କେତେକ ଅଞ୍ଚଳରେ ଅନ୍ଧବିଶ୍ୱାସ ଓ କୁସଂସ୍କାରର ବଶବର୍ତ୍ତୀ ହୋଇ କିଛି ଧାଈ ମାନଙ୍କର ଭୁଲ ଚିକିତ୍ସା ଦ୍ୱାରା କେତେକ କ୍ଷେତ୍ରରେ ଭୂମିଷ୍ଠ ହେବାକୁ ଥିବା ସନ୍ତାନଟି ବାହାର ଦୁନିଆର ଆଲୋକ ଦେଖି ପାରିନଥାଏ। ତେବେ ବର୍ତ୍ତମାନ ସେ ସବୁ ସମସ୍ୟା ଦୂରୀଭୂତ ହୋଇଗଲାଣି।

ସରକାରଙ୍କ ବ୍ୟବସ୍ଥିତ ଓ ନିୟମିତ ସ୍ୱାସ୍ଥ୍ୟ ପରାମର୍ଶ ଅନୁଯାୟୀ ଗର୍ଭବତୀ ମାନେ ନିରାପଦରେ ସନ୍ତାନ ପ୍ରସବ କରୁଛନ୍ତି ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ବା ଯେ କୌଣସି ଡାକ୍ତରଖାନାରେ ପିଲାଟି ଏକ ସ୍ୱାସ୍ଥ୍ୟ ସମ୍ପନ୍ନ ଉତ୍କୃଷ୍ଟ ଭିତ୍ତିଭୂମିରେ ଜନ୍ମ ଲାଭ କରିପାରୁଛି। ତେବେ ଏ କ୍ଷେତ୍ରରେ ଆମ ମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି। ଯେଉଁ ପିଲାଟି ଆମ ଘର, ପରିବାରର ଆଗାମୀ ଦିନର ଭବିଷ୍ୟତ ଓ ସୁନେଲୀ ସ୍ୱପ୍ନ, ତାଙ୍କୁ ଏ ଦୁନିଆକୁ ଆଗମନ କରାଉଥିବା ଜଣେ ମାତୃସମ ଭାଇଙ୍କ ପାଖରେ ଆମେ କୃତଜ୍ଞ ରହିବା ଉଚିତ। ଏହା ସମ୍ଭବତଃ ଆମର ଶ୍ରେଷ୍ଠ ମାନବିକତା ହୋଇପାରିବ। ସେମାନଙ୍କ ପାଇଁ ଅମୃତସମ ଓ ଗଭୀର ହୃଦୟର କୃତଜ୍ଞତା ଦ୍ୱାରା ତାଙ୍କ ଅକ୍ଳାନ୍ତ ପରିଶ୍ରମର ଫଳ ହୁଏତ କିଛି ଆମେ ଦେଇପାରିବା। ମାତୃ ଶିଶୁ ମୃତ୍ୟୁ ହାର କମାଇବା ପାଇଁ ଲୋଡ଼ା ଅଧିକରୁ ଅଧିକ ସଂଖ୍ୟକ ଶିକ୍ଷିତ, ତାଲିମପ୍ରାପ୍ତ ଓ ଅଭିଜ୍ଞ ଧାଈ। ଏ ବାବଦରେ ସଚେତନତା ସୃଷ୍ଟି କରିବା, ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। କେହି କେହି ସ୍ନେହ, ଆବେଗରେ ଏହି ଧାତ୍ରୀ ମାନଙ୍କୁ ଏ ଦୁନିଆର 'ଦ୍ୱିତୀୟ ମାଆ' ଭାବେ କୃତଜ୍ଞତା ପ୍ରକାଶ କରିଥାନ୍ତି। ବାସ୍ତବରେ କହିବାକୁଗଲେ ଏହା ଅତ୍ୟୁକ୍ତି ନୁହେଁ। ଏ ଦୁନିଆର ଲକ୍ଷ ଲକ୍ଷ ଧାତ୍ରୀ ବା ଧାଈ ମାନଙ୍କୁ ବିଶ୍ୱ ଧାତ୍ରୀ ଦିବସରେ କୃତଜ୍ଞତା ଓ ଅଭିନନ୍ଦନ ଜଣାଉଛି।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ଚହଟା ନଗର, ଲେନ୍-୬, କଟକ-୧୪, ଦୂରଭାଷ :
୭୦୦୮୪୭୮୯୮୬
E-mail : nibeditabehera08021985@gmail.com

ପ୍ରତିଶବ୍ଦ TV

ଭୁବନେଶ୍ୱର, ୨୭ ମେ' ୨୦୨୬

# ମୋଟର ସାଇକେଲ୍ ଚୋରି ଅଭିଯୋଗରେ ୨ ଅଭିଯୁକ୍ତ ଗିରଫ

## ୬ଗୋଟି ଚୋରୀ ବାଇକ୍ ଉଦ୍ଧାର କଲା ପୋଲିସ



**ବ୍ରହ୍ମପୁର,୨୬।୫ :** ମହାନଗର ନିଗମ ବ୍ରହ୍ମପୁର ସହରର ବୈଦ୍ୟନାଥପୁର ଥାନା ଅଞ୍ଚଳରେ ମୋଟର ସାଇକେଲ୍ ଚୋରି ହେଉଥିବା ନେଇ ଥାନାରେ ଅଭିଯୋଗ ହେଉଥିବା ବେଳେ ପୋଲିସ ଏହି ଅଭିଯୋଗକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଥିଲେ । ତେବେ ଏହି ମୋଟର ସାଇକେଲ୍ ଚୋରି ଅଭିଯୋଗରେ ବୈଦ୍ୟନାଥପୁର ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଖଲ୍ଲିକୋଟ ଥାନା ଅନ୍ତର୍ଗତ କାରିଣୀପଡ଼ା ଉପରସାହିର କେ. ଉମାକାନ୍ତ ପାତ୍ର(୨୯) ଏବଂ ଚମାଖଣ୍ଡି ଥାନା ଅନ୍ତର୍ଗତ ରଘୁନାଥପୁର ଗ୍ରାମର ଏସ୍. ନିରଞ୍ଜନ ରେଡ୍ଡି(୨୮) ବୋଲି ଜଣାପଡ଼ିଛି । ଗିରଫ ଅଭିଯୁକ୍ତମାନଙ୍କ ଠାରୁ ୬ଗୋଟି ଚୋରି ବାଇକ୍ ଉଦ୍ଧାର କରିଛି ପୋଲିସ । ସୂଚନାଥାଉକି, ଗତ ୨୫ ତାରିଖ ସକାଳ ୧୧ ଘଣ୍ଟା ସମୟରେ ରବୀନ୍ଦ୍ର କୁମାର ସାହୁ ନାମକ ଜନୈକ ବ୍ୟକ୍ତି ଜୟପ୍ରକାଶ ନଗର ଏକ୍ସିସ୍ ବ୍ୟାଙ୍କ ଯାଇଥିବା ବେଳେ ତାଙ୍କର ବାଜାଜ୍ ପଲ୍ସର (ଓଡ଼ି-୦୭ଏକ୍ୟୁ-୪୫୧୨) ବାଇକ୍‌ଟି ଚୋରି ହୋଇଥିବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାର ତଦନ୍ତ କରିବା ସହ କିଛି ସିସି ଟିଭି ଫୁଟେଜ୍‌କୁ ଯାଞ୍ଚ୍ କରିବା ପରେ ସାଧାରଣ ଲୋକମାନଙ୍କ ସହାୟତାରେ ଅଭିଯୁକ୍ତକୁ ଚିହ୍ନଟ କରି ଥାନାରେ ଅଟକ ରଖି ପଚାରାଉଚରା କରିବା ବେଳେ ସେମାନେ ପୋଲିସ ଆଗରେ ଚୋରି କରିଥିବା ନେଇ ସ୍ୱୀକାର କରିଥିଲେ । ଏବଂ ମାଣ୍ଡିଆପଲ୍ଲୀ ଛକରେ ଥିବା ସ୍କ୍ରାପ୍ ଡ଼ିଲର ଏସ୍. ନିରଞ୍ଜନ ରେଡ୍ଡିଙ୍କ ଡ଼ାବାରୁ ପୋଲିସ ଆଉ ୫ ଗୋଟି ଚୋରି ମୋଟର ସାଇକେଲ୍ ଉଦ୍ଧାର କରିଥିଲା । ଅଭିଯୁକ୍ତ ମାନେ ଉଭୟ ବିଭିନ୍ନ ସ୍ଥାନରୁ ମୋଟର ସାଇକେଲ୍ ଚୋରି କରି ବିକ୍ରୟ କରିବାପାଇଁ ସେଡ୍‌ରେ ପାର୍କିଂ କରିଥିଲେ ବୋଲି ଅଭିଯୋଗ ହୋଇଛି । ଅଭିଯୁକ୍ତ ଏସ୍. ନିରଞ୍ଜନ ରେଡ୍ଡି ଏକ ସ୍କ୍ରାପ୍ ବ୍ୟବସାୟ ଚଳାଉଥିବା ଜଣାପଡ଼ିଛି । ଏନେଇ ବୈଦ୍ୟନାଥପୁର ଥାନାରେ ଚୋରି ମାମଲା ଅଭିଯୋଗ କରାଯିବା ସହ ଗିରଫ ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବାନେଇ ବ୍ରହ୍ମପୁର ଏସ୍‌ପି ଡ଼. ଶର୍ବଣା ବିବେକ୍ ଏମ୍ ଆହୁତ ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦେଇଛନ୍ତି ।

# ଡକାୟତି ଯୋଜନା ବେଳେ ୫ ଅଭିଯୁକ୍ତ ଗିରଫ

## ପିସ୍ତଲ, ଖଣ୍ଡା, ଜୀବନ୍ତ ବୋମା, ବାଇକ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ




**ବ୍ରହ୍ମପୁର,୨୬।୫ :** ସ୍ଥାନୀୟ ବଡ଼ ବଜାର ଥାନା ଅନ୍ତର୍ଗତ ତଲମେଣ୍ଟୁ ଛକ ଆଇନାବନ୍ଧ ପୋଖରୀ ନିକଟରେ କିଛି ଅସାମାଜିକ ବ୍ୟକ୍ତିମାନେ ବସି ଡ଼କାୟତି ପାଇଁ ଯୋଜନା କରୁଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଆଠଗଡ଼ ପାଟଣା ଗ୍ରାମର ଶିବ ଶଙ୍କର ପଲେଇ (୨୩), ଶ୍ରୀରାମ ନଗର ଦ୍ୱିତୀୟ ଲାଇନ୍‌ର ଅଶୋକ ବେହେରା ଓରଫ୍ ବାଙ୍ଗରା ଅଶୋକ (୨୩), ରଘୁପତିନଗର ତୃତୀୟ ଲାଇନ୍‌ର ଓମ୍ ଦାସ (୨୧), ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ରାମ ନଗର ପ୍ରଥମ ଲାଇନ୍‌ର ଏନ୍ ପ୍ରସାଦ ପାତ୍ର (୨୩) ଏବଂ ସଦର ଥାନା ଆଙ୍କୁଶପୁର ଗ୍ରାମର କାଳିଆ ସାହୁ (୨୨) ବୋଲି ଜଣାପଡ଼ିଛି । ଗିରଫ ଅଭିଯୁକ୍ତମାନଙ୍କ ଠାରୁ ଗୋଟିଏ ପିସ୍ତଲ, ୩ଟି ଖଣ୍ଡା, ୨ଟି ବାଇକ୍, ଗୋଟିଏ ଲୁହା ରଡ୍, ୩ଟି ଜୀବନ୍ତ ବୋମା, ମଦ ବୋତଲ, ଲଙ୍କା ପାଉଡ଼ର ଓ ଅନ୍ୟାନ୍ୟ ସାମଗ୍ରୀ ପୋଲିସ ଜବତ କରିଛି । ସୂଚନାଥାଉକି, ୨୫ ତାରିଖ ବିଳମ୍ବିତ ରାତ୍ର ସମୟରେ ବଡ଼ ବଜାର ପୋଲିସ ଟିମ୍ ତରଫରୁ ପେଟ୍ରୋଲିଂ ଚାଲିଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ତଲମେଣ୍ଟୁ ଛକରେ କିଛି ଅସାମାଜିକ ଯୁବକମାନେ ବସି ଡ଼କାୟତି ପାଇଁ ଯୋଜନା କରୁଥିବା ପୋଲିସ ଖବର ପାଇଥିଲା । ସଙ୍ଗେ ସଙ୍ଗେ ବଡ଼ବଜାର ଥାନା ଅଧିକାରୀ ଏବଂ ତାଙ୍କ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଡ଼କାୟତି ଯୋଜନା ପଣ୍ଡ କରିବା ସହ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି ପୋଲିସ । ତେବେ ଏହି ଘଟଣାରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ପୋଲିସ ପକ୍ଷରୁ ବର୍ତ୍ତମାନ ତଦନ୍ତ ଜାରି ରହିଥିବା ଜଣାପଡ଼ିଛି । ଏନେଇ ଥାନା କେସ୍ ନଂ ୩୪୭/୨୬ରେ ଏକ ମାମଲା ରୁଜୁ କରି ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ନେଇ ବ୍ରହ୍ମପୁର ଏସ୍‌ପି ଡ଼. ଶର୍ବଣା ବିବେକ୍ ଏମ୍ ଆହୁତ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି ।

# ସୁଧୀର ହତ୍ୟା ମାମଲା ୨ ଜଣଙ୍କୁ ଏନ୍‌କାଉଣ୍ଟର

**ବ୍ରହ୍ମପୁର,୨୬।୫ :** ସହରର ଅମ୍ବିକାନଗର ଛକରେ ମଙ୍ଗଳା ବେହେରାଙ୍କୁ ଆକ୍ରମଣ ଘଟଣାରେ ପୋଲିସ ଅଭିଯୁକ୍ତକୁ ବିଳମ୍ବିତ ରାତିରେ ଏନ୍‌କାଉଣ୍ଟର କରିଥିବା ବେଳେ ଏହାର ୨୪ ଘଣ୍ଟା ନ ପୁରୁଣୁ ବ୍ରହ୍ମପୁର ପୋଲିସ ରାତି ୧୨ଟା ୧୫ରେ ପୁଣି ଏକ ଏନ୍‌କାଉଣ୍ଟର କରିଛି । ଏଥର ପୋଲିସ ଗୁଳିରେ ଗୋପାଳପୁରର ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ର ଅପହରଣ ଓ ହତ୍ୟା ମାମଲାର ଅନ୍ୟତମ ଦୁଇ ମୁଖ୍ୟ ଅଭିଯୁକ୍ତ ଜଖମ ହୋଇଛନ୍ତି । ସେମାନେ ହେଲେ ଗଞ୍ଜାମ ଜିଲ୍ଲା ବଡ଼ଗଡ଼ ଥାନା ନୂଆଗାଁର ରଞ୍ଜନ ମଲ୍ଲିକ (୨୭) ଓ ହିଞ୍ଜିଳିଥାନା ସିକିରିର ସରୋଜ ପଣ୍ଡା ଓରଫ୍ ଭିକି (୩୫) । ବ୍ରହ୍ମପୁର ସହର ଉପକଣ୍ଠ ସଦରଥାନା ଅଧୀନ ରତନପୁର ଗ୍ରାମ ନିକଟରେ ଉଭୟଙ୍କୁ ପୋଲିସ ଏନ୍‌କାଉଣ୍ଟର କରିଥିବା





ସୂଚନା ମିଳିଛି । ଏହାକୁ ମିଶାଇ ଗତ ୧୧ ଦିନରେ ବ୍ରହ୍ମପୁରରେ ୫ ଜଣଙ୍କୁ ଏନ୍‌କାଉଣ୍ଟର ହୋଇଛି । ସୁଧୀର ପାତ୍ରଙ୍କୁ ଅପହରଣ କରିବାରେ ରଞ୍ଜନ ଓ ସରୋଜ ସାହାଯ୍ୟ କରିଥିବା ନେଇ ପୋଲିସକୁ ସୁରାକ ମିଳିଥିଲା । ହତ୍ୟାକାଣ୍ଡ ପରେ ଏମାନେ ପ୍ରମାଣ ନଷ୍ଟ ଉଦ୍ୟମ ବି କରିଥିବା ପୋଲିସ ଖବର ପାଇଥିଲା । ଗତ ୧୦ ଦିନ ହେଲାଣି ଉଭୟ ପୋଲିସ ସ୍କାନରରେ ଥିଲେ । ହେଲେ ଚକ୍‌ମା ଦେଇ ଖସି ପଳାଇଥିଲେ । ରାତି ପ୍ରାୟ ୧୨ଟା ବେଳେ ଉଭୟ ରଞ୍ଜନ ଓ ସରୋଜ ଏକ ବାଇକ୍‌ରେ ରତନପୁର ଦେଇ ଘରକୁ ଫେରୁଥିବା ପୋଲିସ ଖବର ପାଇ ସେମାନଙ୍କ ପିଛା କରିଥିଲା । ହେଲେ ସେମାନେ ପୋଲିସକୁ ଆକ୍ରମଣ ଉଦ୍ୟମ କରିଥିଲେ । ଫଳରେ ପୋଲିସ ବାଧ୍ୟ ହୋଇ ଉଭୟଙ୍କୁ ଏନ୍‌କାଉଣ୍ଟର କରିଥିବା ଜଣାପଡ଼ିଛି । ସେମାନଙ୍କ ଗୋଡ଼ରେ ଗୁଳି ବାଜିଥିବାରୁ ଏମ୍‌କେସିଜିରେ ଭର୍ତ୍ତି କରାଯାଇଛି । ସୂଚନାଯୋଗ୍ୟଯେ, ଏପ୍ରିଲ୍ ୧୬ ତାରିଖରେ ସୁଧୀରଙ୍କୁ ଅପହରଣ କରାଯାଇଥିଲା । ସେହି ମାସ ୨୨ ତାରିଖରେ ତାଙ୍କର ମୃତଦେହ ମିଳିଥିଲା । ପୋଲିସ ଏହି ଘଟଣାରେ ସୁପାରି କିଲର ସମେତ ସୁଧୀରଙ୍କ ପୁତୁରା ଓ ଝିଆରୀ ସମେତ ୯ ।

# ମୋଭୋଲୋଜୀ ଡ୍ୟାନ୍ସ ଏକାଡ଼େମୀର ନୃତ୍ୟ ପ୍ରତିଯୋଗିତା

**ବ୍ରହ୍ମପୁର,୨୬।୫ :** ଗଂଜାମ କଳା ପରିଷଦରେ ମୋଭୋଲୋଜୀ ଡ୍ୟାନ୍ସ ଏଣ୍ଡ ଏକ୍ଟିଙ୍ଗ ଏକାଡେମୀ ତରଫରୁ ଡି.ଷ୍ଟାର୍ସଚମ୍ପିଆନ୍‌ସିପ୍ ସିଜନ-୨୦୨୬ ନାମରେ ନୃତ୍ୟ ପ୍ରତିଯୋଗୀତା ଆୟୋଜିତ ହୋଇଯାଇଛି । ଗୁରୁ ସମୀର ଓ ଚିନୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିରୂପେ ସମାଜସେବୀ ଅଜିତ କୁମାର ପାତ୍ର ଯୋଗଦେଇଥିବାବେଳେ ସମ୍ମାନୀତ ଅତିଥିଭାବେ ଖ୍ୟାତନାମା ନୃତ୍ୟଶିଳ୍ପୀ କ୍ରୀଷ୍ଣା ରେଡୀ, ମଞ୍ଜିତ୍ ହୋତା, ସାଧନା ପାଢ଼ୀ, ନୃତ୍ୟଗୁରୁ ଆପନା ମହାରଣା ଓ ବରିଷ୍ଠ ସାମ୍ବାଦିକ ସୁଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହ ଅତିଥିମାନଙ୍କୁ ସମ୍ମାନୀତ କରାଯାଇଥିଲା । ଏଥିରେ ମୋଭୋଲୋଜୀର ବହୁ କର୍ମକର୍ତ୍ତା ସହଯୋଗ କରିଥିବାବେଳେ ଗୁଲାମ ରସୁଲ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ।




# ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ସୁପରିଚାଳନା ନେଇ ପ୍ରସ୍ତୁତି



**ଛତ୍ରପୁର,୨୬।୫ :** ରାଜ୍ୟରେ ମେ ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ ଆଇ ଆର) କାର୍ଯ୍ୟକ୍ରମର ସୁପରିଚାଳନା ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପଲନ ଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାର ନୋଡାଲ ଅଫିସର, ଡେପୁଟି କଲେକ୍ଟର (ନିର୍ବାଚନ) ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମାନେ ଅଂଶଗ୍ରହଣ କରିଥିଲେ । ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ତ୍ରୁଟି ସଂଶୋଧନ ଏବଂ ସ୍ଥାନାନ୍ତରଣ ପ୍ରକ୍ରିୟାର ସରଳୀକରଣ ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ଯେପରି ଜଣେ ବି ଯୋଗ୍ୟ ଭୋଟର ବାଦ୍ ନପଡ଼ନ୍ତି, ସେଥିପ୍ରତି ସମସ୍ତ ସତର୍କତା ଅବଲମ୍ବନ କରିବାକୁ ସେ ପରାମର୍ଶ କହିଛନ୍ତି । ୯୫ ପ୍ରତିଶତ ମ୍ୟାପିଂ ସହିତ ଓଡିଶା ଦେଶର ଅଗ୍ରଣୀ ସ୍ଥାନରେ ରହିଛି ଆଗାମୀ ଏସ ଆଇ ଆର କାର୍ଯ୍ୟ ଗୁଡିକୁ ମଧ ସେଇ ସକରାତ୍ମକତାର ସହିତ ସମ୍ପାଦିତ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି । ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ନେଇ ସୋସିଆଲ ମିଡିଆରେ କୌଣସି ପ୍ରକାର ଭ୍ରମାତ୍ମକ ସୂଚନା କିମ୍ବା ଗୁଜବ ନଜରକୁ ଆସିଲେ, ଜିଲ୍ଲା ପ୍ରଶାସନ ପକ୍ଷରୁ ସଙ୍ଗେ ସଙ୍ଗେ ଏହାର ସତ୍ୟାସତ୍ୟ ଯାଞ୍ଚ କରାଯାଇ ସଠିକ ତଥ୍ୟ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି । ଜନସାଧାରଣଙ୍କ ସହାୟତା ପାଇଁ ୧୯୫୦ ଟୋଲ୍ ଫ୍ରି ହେଲ୍ପଲାଇନ ନମ୍ବରର ବ୍ୟବସ୍ଥା କରାଯାଇଛି । ଏହି ନମ୍ବର ଜରିଆରେ ନାଗରିକମାନେ ଭୋଟର ତାଲିକା ସମ୍ବନ୍ଧୀୟ ସମସ୍ତ ସୂଚନା ପାଇପାରିବେ ଏବଂ ନିଜ ଅଞ୍ଚଳର ବୁଥ୍ ସ୍ତରୀୟ ଅଧିକାରୀଙ୍କ ସହ ଯୋଡି ହେବାପାଇଁ ECINET ଆପ ମାଧ୍ୟମରେ ବୁକ୍ ଏ କଲ୍ (ଈକ୍ଟକ୍ଟଳ ବ ମବକ୍ଷକ୍ଷ) କରିପାରିବେ ବୋଲି ଡ଼େପୁଟି ସିଇଓ ଡ଼. ଲକ୍ଷ୍ମୀପ୍ରସାଦ ସାହୁ କହିଛନ୍ତି । ଗଞ୍ଜାମ ଜିଲ୍ଲାରୁ ଡେପୁଟି କଲେକ୍ଟର (ନିର୍ବାଚନ) ଡ଼ଃ ଅରୁଣ କୁମାର ଖଣ୍ଡା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ଇ-ଗଭର୍ନାନ୍ସ ମ୍ୟାନେଜର ଏ ଗୁରୁପ୍ରସାଦ ଦୋରା, ଜିଲ୍ଲା ପରିଷଦର ପ୍ରୋଜେକଟ ମ୍ୟାନେଜର ସୌମ୍ୟ ରଞ୍ଜନ ହୋତା ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ ।

### ଜନସାଧାରଣ ଭୟଭୀତ ନହେବା ପାଇଁ ପରାମର୍ଶ ଦେଲେ ଦକ୍ଷିଣାଞ୍ଚଳ ଆଇଜି

# ପୋଲିସ ପ୍ରଶାସନ ପକ୍ଷରୁ ଫୁଟ୍ ପେଟ୍ରୋଲିଂ



**ବ୍ରହ୍ମପୁର,୨୬।୫ :** ମହାନଗର ନିଗମ ବ୍ରହ୍ମପୁର ସହରରେ ବର୍ତ୍ତମାନ ଆଇନ୍ ଶୃଙ୍ଖଳାର ବ୍ୟବସ୍ଥା ନେଇ ବ୍ରହ୍ମପୁର ପୋଲିସ ପ୍ରଶାସନ ତରଫରୁ ସଚେତନତା କାର୍ଯ୍ୟକ୍ରମ ଜୋରଦାର୍ କରାଯାଇଛି । ଏହି ପରିପ୍ରେକ୍ଷୀରେ ବଡ଼ ବଜାର ଥାନା ଅଞ୍ଚଳରେ ପୋଲିସ ପକ୍ଷରୁ ଏକ ଫୁଟ୍ ପେଟ୍ରୋଲିଂ କରାଯାଇଛି । ଏଥିରେ ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ଓ ବ୍ରହ୍ମପୁର ଏସ୍‌ପି ଡ଼. ଶର୍ବଣା ବିବେକ୍ ଏମ୍ ନିଜେ ଉପସ୍ଥିତ ରହି ବଡ଼ ବଜାର ଅଞ୍ଚଳରେ ଚାଲି ଚାଲି ବୁଲିବା ସହ ଜନସାଧାରଣମାନଙ୍କୁ ଭୟଭୀତ ନ ହୋଇ ନିଜ ନିଜର କାର୍ଯ୍ୟ କରିବାପାଇଁ ସଚେତନତା କରାଇଥିଲେ । ଯେକୌଣସି ପରିସ୍ଥିତିରେ ପୋଲିସ ଜନ ସାଧାରଣମାନଙ୍କ ସହ ରହିଛି ବୋଲି ଏଠାରେ କୁହାଯାଇଥିଲା । ସେହିପରି ଗତ ମଙ୍ଗଳବାର ଦ୍ୱିତୀୟ ଦିନରେ ହିଲ୍‌ପାଟଣାସ୍ଥିତ ଶ୍ରୀ ସିଦ୍ଧ ବିନାୟକ ସିଂହଦ୍ୱାର ନିକଟରୁ ଆଇନ୍ ଶୃଙ୍ଖଳା ବ୍ୟବସ୍ଥା ନେଇ ଫୁଟ୍ ପେଟ୍ରୋଲିଂ କରାଯାଇଥିଲା । ଏଥିରେ ବ୍ରହ୍ମପୁର ଏସ୍‌ପି ଡ଼. ଶର୍ବଣା ବିବେକ୍ ଏମ୍ ଉପସ୍ଥିତ ରହି ଗଣେଶ ମନ୍ଦିର ସିଂହ ଦ୍ୱାର ନିକଟରୁ ବାହାରିବା ସହ ଗିରିରୋଡ୍, ବିଜିପୁର ଆଦି ବିଭିନ୍ନ ଅଞ୍ଚଳ ଚାଲି ଚାଲି ବୁଲିବା ସହ ଜନସାଧାରଣମାନଙ୍କୁ ଭୟଭୀତ ନହୋଇ ନିଜ ନିଜ କାର୍ଯ୍ୟ କରନ୍ତୁ ବୋଲି ପରାମର୍ଶ ଦେବା ସହ ବ୍ରହ୍ମପୁର ରେଲ୍‌ୱେ ଷ୍ଟେସନ୍ ନିକଟରେ ଏହି ଫୁଟ୍ ପେଟ୍ରୋଲିଂ ସମାପ୍ତ ହୋଇଥିଲା । ଏଥିରେ ବହୁ ପୋଲିସ ଅଧିକାରୀମାନେ ଉପସ୍ଥିତଥିଲେ ।

# ସର୍ବସମ୍ମତି କ୍ରମେ ସଫଳ ହେଲା ଗ୍ରାମସଭା




**ବଣାଇ,୨୬।୫ :** ସୁନ୍ଦରଗଡ଼ ଜିଲ୍ଲା ହେମଗିର ବ୍ଲକ ଅନ୍ତର୍ଗତ ଲଇକେରା ପଞ୍ଚାୟତ ସ୍ଥିତ ବନ୍ଧପାଲି ଗ୍ରାମ ଠାରେ ହିଣ୍ଡାଲକୋ କମ୍ପାନୀ ତରଫରୁ ମିନାକ୍ଷୀ କୋଇଲା ଖଣି ନିମନ୍ତେ ରେଳ କରିଡର ସମ୍ବନ୍ଧୀୟ ଗ୍ରାମ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ରେଳ କରିଡୋର ଓ ଟ୍ରାନ୍ସମିଶନ ଲାଇନ ଭିତ୍ତିଭୂମି ପାଇ ୪.୫୬୭ ହେକ୍ଟର ସରକାରୀ ଜମି ଅଧିଗ୍ରହଣ ୨.୯୮୨ ହେକ୍ଟର ରାଜସ୍ୱ ଜଙ୍ଗଲ ଜମି ପରିବର୍ତ୍ତନ ପାଇଁ ଏଫଆରଏ (FRA) ସାର୍ଟିଫିକେଟ ପ୍ରଦାନ ନିମନ୍ତେ ଏହାସହ ଜମି ୫.୮୬୩ ହେକ୍ଟର ଅଧିଗ୍ରହଣ କରିବା ସମ୍ବଧେ ଗ୍ରାମସଭା ହୋଇଥିଲା । ଏହି ଅବସରରେ ହେମଗିର ବିଡିଓ ରିନା ନାଏକ, ହେମଗିର ତହସିଲଦାର ସାରିକାରାଣୀ ଧମେଲ,ଲଇକେରା ସରପଞ୍ଚ ଦିନେଶ ନାଏକ, ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଗତ ପଟେଲ, କମ୍ପାନୀ କତୃପକ୍ଷ ଓ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଯୋଗଦାନ କରିଥିଲେ । ଏହି ଅବସରରେ ଗ୍ରାମ ବାସି ମାନେ ତାଙ୍କର ଦାବି ଉପସ୍ଥାପନ କରିଥିଲେ, ଯାହାକୁ କମ୍ପାନୀ କତୃପକ୍ଷ ପୂରଣ କରିବାର ପ୍ରତିଶ୍ରୁତି ଦେବା ପରେ ସର୍ବ ସହମତି କ୍ରମେ ଗ୍ରାମ ସଭାପତି ସଫଳ ହୋଇଥିଲା ।

# ଆଇନ୍ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଆଇଜିଙ୍କ ପକ୍ଷରୁ ସମୀକ୍ଷା ବୈଠକ

**ବ୍ରହ୍ମପୁର,୨୬।୫ :** ମହାନଗର ନିଗମ ବ୍ରହ୍ମପୁର ପୋଲିସ ଜିଲ୍ଲାରେ ଆଇନ୍ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଏକ ସମୀକ୍ଷା ବୈଠକ ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁରରେ କିପରି ଜନସାଧାରଣମାନେ ଭୟଭୀତ ନହୋଇ ପୋଲିସ ଉପରେ ନିଜର ବିଶ୍ୱାସ



ଜାରି ରଖିବେ ସେଥିନେଇ ଏଠାରେ ବିସ୍ତୃତ ଭାବେ ଗୁରୁତ୍ୱ ଦିଆଯାଇଥିଲା । ସେହିପରି ଯେକୌଣସି ସ୍ଥାନରେ ଅପରାଧୀମାନଙ୍କୁ କିପରି ଦମନ କରାଯିବ ସେଥିନେଇ ଦକ୍ଷିଣାଞ୍ଚଳ ଆଇଜି ଶ୍ରୀ ଶେଖର ସମସ୍ତ ଥାନାର ଅଧିକାରୀମାନଙ୍କୁ ନେଇ ଆଲୋଚନା କରିଥିଲେ । ଏଥିରେ ବ୍ରହ୍ମପୁର ଏସ୍‌ପି ଡ଼. ଶର୍ବଣା ବିବେକ୍ ଏମ୍‌ଙ୍କ ସମେତ ବହୁ ବରିଷ୍ଠ ପୋଲିସ ପଦାଧିକାରୀ, ଅଧିକାରୀ ଓ ଥାନା ଅଧିକାରୀମାନେ ଉପସ୍ଥିତଥିଲେ ।

# ରାଉରକେଲାରେ ବୁଥସ୍ତରୀୟ ଅଧିକାରୀଙ୍କ ପ୍ରଶିକ୍ଷଣ



**ବଣାଇ,୨୬।୫ :** ଆସନ୍ତା ୩୦ ତାରିଖରୁ ରାଜ୍ୟ ରେ ଆରମ୍ଭ ହେବାକୁ ଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା (SIR)ବା ଏସ ଆଇ ଆର୍ ସୁଚାରୁ ରୂପରେ ସଂପାଦନ ପରିପ୍ରେକ୍ଷୀରେ ବୁଥ ସ୍ତରୀୟ ଅଧିକାରୀ (ବିଏଲଓ) ଓ ବିଏଲଓ ସୁପରଭାଇଜରମାନଙ୍କର ଦୁଇ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାନପୋଷ ଆଇଟିଡିଏ ହଲ ରେ ଅନୁଷ୍ଠିତ ହୋଇଯାଇଛି । ୨୫ଓ ୨୬ ମେ ରେ ଆୟୋଜିତ ପ୍ରଶିକ୍ଷଣରେ ରାଉରକେଲା ଓ ବିରମିତ୍ରପୁର ବିଧାନସଭା କ୍ଷେତ୍ରର ବୁଥ ସ୍ତରୀୟ ଅଧିକାରୀମାନେ ଓ ବିଏଲଓ ସୁପରଭାଇଜରମାନେ , ସ୍ୱେଚ୍ଛାସେବୀମାନେ ଯୋଗଦେଇଥିଲେ । ପ୍ରଶିକ୍ଷଣରେ ଭୋଟର ସମ୍ବନ୍ଧୀୟ ଫର୍ମ କିପରି ପୂରଣ କରାଯିବ ଏବଂ ଏହାକୁ ୱେବସାଇଟରେ କିପରି ଅପଲୋଡ୍ କରାଯିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ପ୍ରାୟୋଗିକ ତାଲିମ ପ୍ରଦାନ କରାଯାଇଥିଲା । ୩୦ ମଇ ରୁ ୨୮ ଜୁନ୍ ୨୦୨୬ ମଧ୍ୟରେ ବୁଥ ସ୍ତରୀୟ ଅଧିକାରୀ ବା ବିଏଲଓମାନେ ଘରକୁ ଘର ପରିଦର୍ଶନ କରି ଫର୍ମ ବଣ୍ଟନ କରିବେ ଏବଂ ଭୋଟର ସମ୍ବନ୍ଧୀୟ ସୂଚନା ସଂଗ୍ରହ କରିବେ । ଆଜିର ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ପାନପୋଷ ଚନ୍ଦ୍ରକାନ୍ତ ମଲ୍ଲିକ, ଡେପୁଟି କଲେକ୍ଟର ସାଧବି ଦେହୁରୀଆ, ଡେପୁଟି କମିଶନର ଚନ୍ଦ୍ରକାନ୍ତ, ଅତିରିକ୍ତ ତହସିଲଦାର ସୁଦକ୍ଷ ପଟେଲ ପ୍ରମୁଖ ଭାବେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

# ପ୍ରଚଣ୍ଡ ଗ୍ରୀଷ୍ମରେ ଏନଏସିରେ ପାନୀୟ ଜଳକଷ୍ଟ



**ଆଠମଲ୍ଲିକ,୨୬।୫ :** ଆଠମଲ୍ଲିକ ଏନ ଏ ସି ଅନ୍ତର୍ଗତ ଚାରି ନମ୍ବର ୱାର୍ଡ ବାଦାମ ପଡିଆ ନିକଟରେ ସୃଷ୍ଟି ହୋଇଥିବା ନୂତନ ବସ୍ତି ଷଭରେ ପାନୀୟ ଜଳ ସଙ୍କଟ ତୀବ୍ର ହୋଇଥିବା ଜଣା ପଡିଛି । ଯାଫଳରେ ମହିଳା ମାନେ ରୋଷେଇ କାର୍ଯ୍ୟ ଛାଡ଼ି ପ୍ରଶାସନ ର ଦ୍ୱାରସ୍ଥ ହୋଇଥିବା ଜଣା ପଡିଛି । ପାନୀୟ ଜଳ ସଙ୍କଟ କୁ ନେଇ ସାହି ବାସିନ୍ଦା ପାନୀୟ ଜଳ ସମସ୍ୟା ଦୂରୀଭୂତ କରିବା ପାଇଁ ଉପଜିଲ୍ଲାପାଳଙ୍କ ଉଦେଶ୍ୟ ରେ ଦାବିପତ୍ର ଦେଇଥିବା ଜଣା ପଡିଛି । ଦାବୀ ଅନୁଯାଇ ତାଙ୍କୁ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ଯୋଗେଇ ଦିଆ ଯାଇଥିବା ପାଇପ ସଂଯୋଗ ବିଛିନ୍ନ କରି ରାଜବାଟି ନିକଟ ରୁ ମେନ ପାଇପ ରୁ ପାଇପ ସଂଯୋଗ କରା ଯାଇ ପାନୀୟ ଜଳ ଯୋଗେଇ ଦେବାକୁ ଦାବୀ କରା ଯାଇଛି । ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତି ରଞ୍ଜନ ବାଗ ଙ୍କୁ ଦାବିପତ୍ର ଦିଆ ଯାଇଥିଲା । ଦାବିପତ୍ର ଦେବା ସମୟ ରେ ପଙ୍କଜିନୀ ସେଠୀ, ମମତା ଦେହୁରୀ, ପ୍ରଭାତୀ ମହାକୁଡ଼, ମିନୁ ପାଣ୍ଡେ,ଗୀତାଞ୍ଜଳି ସାହୁ, ସେବତୀ ଷଣ୍ଢ, ବବିତା ଷଣ୍ଢ, କବିତା ସାହୁ, ନଳିନୀ ପ୍ରଧାନ,ପଦ୍ମିନୀ ମହାକୁଡ଼, ସାଇବାଣୀ ଦେହୁରୀ, ବିନିକା ମହାକୁଡ଼, ନଇନି ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରତିଶବ୍ଦ TV

ଭୁବନେଶ୍ୱର, ୨୭ ମେ' ୨୦୨୬

### ହରିଅନ୍ତା ବିତରଣ କେନାଲ ପାଇଁ ବଡ଼ ପଦକ୍ଷେପ ନେଲେ ଜଳ ସମ୍ପଦ ବିଭାଗ

# କଙ୍କ୍ରିଟ ଲାଇନିଂ ଦ୍ୱାରା ଚାଷୀ ପର୍ଯ୍ୟନ୍ତ ପହଞ୍ଚିବ ପାଣି

**ଫୁଲନଖରା,୨୬।୫ :** ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ପକ୍ଷରୁ ହରିଅନ୍ତା ବିତରଣ କେନାଲର ୫.୩୭ କିଲୋମିଟର ଠାରୁ ୨୦.୩୬୦ କିଲୋମିଟର ପର୍ଯ୍ୟନ୍ତ କଙ୍କ୍ରିଟ ଲାଇନିଂ କାର୍ଯ୍ୟର ଶୁଭ ଉଦଘାଟନ ଭବ୍ୟ ଆୟୋଜନ ମାଧ୍ୟମରେ ସମ୍ପନ୍ନ ହୋଇଯାଇଛି। ଏହି ପ୍ରକଳ୍ପ ଅଞ୍ଚଳର କୃଷି ବିକାଶ ସହିତ ଚାଷୀମାନଙ୍କ ପାଇଁ ସୁନିଶ୍ଚିତ ସେଚ୍ଛାସୁବିଧା ଯୋଗାଇବାରେ ଏକ ମାଇଲସ୍ଟୋନ୍ ସାବ୍ୟସ୍ତ ହେବ ବୋଲି ସ୍ଥାନୀୟ ମହଲରେ ଆଶା ପ୍ରକାଶ ପାଇଛି। ଏହି ଉଦଘାଟନ ଉତ୍ସବରେ ନିଆଳି ବିଧାୟକ ଛବି ମଲ୍ଲିକ ଉଦଘାଟକ ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ସେ ନିଜ ଅଭିଭାଷଣରେ କହିଥିଲେ ଯେ, ଗ୍ରାମାଞ୍ଚଳର କୃଷି ଉନ୍ନତି ପାଇଁ ଜଳସେଚନ



ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଅତ୍ୟାବଶ୍ୟକ। କେନାଲ ଲାଇନିଂ ମାଧ୍ୟମରେ ଜଳ ଅପଚୟ ହ୍ରାସ ପାଇବା ସହିତ ଶେଷ ଚାଷୀ ପର୍ଯ୍ୟନ୍ତ ସମୟୋପଯୋଗୀ ଭାବେ ପାଣି ପହଞ୍ଚିବ। ଏହା ଫଳରେ ଚାଷ ଉତ୍ପାଦନ ବୃଦ୍ଧି ପାଇବା ସହ ଚାଷୀମାନଙ୍କ ଆର୍ଥିକ ସ୍ଥିତିରେ ମଧ୍ୟ ସକାରାତ୍ମକ ପରିବର୍ତ୍ତନ ଆସିବ ବୋଲି ସେ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଚୀ ଡିଭିଜନର ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ଇଂ ରଘୁନାଥ ସ୍ୱାଇଁ ଯୋଗଦେଇ କହିଥିଲେ ଯେ, କେନାଲର କଙ୍କ୍ରିଟ ଲାଇନିଂ କାର୍ଯ୍ୟ ଦ୍ୱାରା କୃଷକମାନେ ନିୟମିତ ଓ ପର୍ଯ୍ୟାପ୍ତ ପରିମାଣରେ ସେଚ୍ଛା ପାଣି ପାଇବେ, ଯାହା କୃଷିକୁ ଅଧିକ ସୁଦୃଢ଼ କରିବ। ବିଧାୟକଙ୍କ ପ୍ରତିନିଧି ତଥା ବରିଷ୍ଠ ସଂଗଠକ ଧୀରେନ୍ଦ୍ର କୁମାର ବାରିକଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ଓ ସ୍ଥାନୀୟ ଲୋକ ଏହି ଉଦଘାଟନ ଉତ୍ସବରେ ଯୋଗ ଦେଇଥିଲେ। ସେମାନଙ୍କର ଉତ୍ସାହ ଓ ସହଭାଗିତା ଅନୁଷ୍ଠାନକୁ ଆହୁରି ଭବ୍ୟ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ସାଂସଦଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ପାତ୍ର, ଯତୀନ୍ଦ୍ର ସାହୁଙ୍କ ସହ ତୁଷାର କୁମାର ଜେନା, ପ୍ରାଣକୃଷ୍ଣ ଜେନା, ରୁଦ୍ର ତ୍ରିପାଠୀ, ବିଜୟାନନ୍ଦ ଦାସ, ଅକ୍ଷୟ ଦଳାଇ, ବିକ୍ରମ ମୁଦୁଲି, କବିନାରାୟଣ ଜେନା, ଗୌରାଙ୍ଗ ଚରଣ ନାଥ, ବିଜୟ ପ୍ରଧାନ, ସୁଜିତ ଜେନା, ବିକାଶ ସାହୁ, ସନ୍ଦୀପ ବାରିକ, ସୁକାନ୍ତ ପଟ୍ଟନାୟକ, ନିରୋଧ କୁମାର ଜେନା, ଜୟନ୍ତ କୁମାର ଜେନା ଓ ଉପେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଅନୁଷ୍ଠାନ ପରିଚାଳନାରେ ସକ୍ରିୟ ଭୂମିକା ନିଭାଇଥିଲେ। ସ୍ଥାନୀୟ ଅଞ୍ଚଳବାସୀ ଓ ଚାଷୀମାନେ ଏହି ପ୍ରକଳ୍ପକୁ ସ୍ୱାଗତ କରିଥିବା ବେଳେ, ଏହା ସମ୍ପୂର୍ଣ୍ଣ ହେଲେ ଅଞ୍ଚଳର କୃଷିକାର୍ଯ୍ୟରେ ନୂତନ ଗତି ସୃଷ୍ଟି ହେବ ବୋଲି ମତ ପ୍ରକାଶ ପାଇଛି ।

### ନାରୀ ନିର୍ଯାତନା ଓ ମହିଳା ସଂରକ୍ଷଣ

# ପ୍ରସଙ୍ଗରେ କେନ୍ଦ୍ର ସରକାରକୁ ଘେରିଲା କଂଗ୍ରେସ

**ଜଗତସିଂହପୁର,୨୬।୫ :** ନାରୀ ବନ୍ଦନ ଅଧିନିୟମ-୨୦୨୩ କୁ ତୁରନ୍ତ କାର୍ଯ୍ୟକାରୀ କରିବା ସହ ରାଜ୍ୟରେ ବଢ଼ୁଥିବା ନାରୀ ନିର୍ଯ୍ୟାତନା ବନ୍ଦ ଦାବିରେ ମଙ୍ଗଳବାର ସନ୍ଧ୍ୟାରେ ତିର୍ତ୍ତୋଲ ବ୍ଲକ କଂଗ୍ରେସ ପକ୍ଷରୁ ପ୍ରମୁଖ ବାଣିଜିକ କେନ୍ଦ୍ର ତିର୍ତ୍ତୋଲ ଠାରେ ଜୋରଦାର ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ହାତରେ ଜ୍ୱଳନ୍ତ ମଶାଲ ଧରି ଶତାଧିକ କଂଗ୍ରେସ କର୍ମୀ ସରକାର ବିରୋଧୀ ନାରାବାଜି କରି ପୁରା ତିର୍ତ୍ତୋଲ ବଜାରକୁ କମ୍ପାଇ ଦେଇଥିଲେ। ଜିଲ୍ଲା କଂଗ୍ରେସ ସଭାପତି ଦେବ ପ୍ରସାଦ ନାୟକ ଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ ଶୋଭାଯାତ୍ରା ରେ କେନ୍ଦ୍ର ସରକାରଙ୍କ ଉପରେ କଡ଼ା ସମାଲୋଚନା କରିଥିଲେ । ସେମାନେ କହିଥିଲେ ଯେ, ୨୦୨୩ ମସିହାରେ ସଂସଦରେ ପାରିତ ହୋଇ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଥିବା ନାରୀ ବନ୍ଦନ









ଅଧିନିୟମକୁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ନ କରି କେନ୍ଦ୍ର ସରକାର ମହିଳାଙ୍କ ସହ ପ୍ରତାରଣା କରୁଛନ୍ତି। ବକ୍ତାମାନେ ଅଭିଯୋଗ କରିଥିଲେ ଯେ, ମହିଳା ସଂରକ୍ଷଣ ନାମରେ ପୁଣି ନୂଆ ସଂଶୋଧନ ବିଲ ଆଣି ସରକାର ଲୋକଙ୍କୁ ଦ୍ୱନ୍ଦ୍ୱରେ ପକାଉଛନ୍ତି। ଜନଗଣନା ଓ ନିର୍ବାଚନମଣ୍ଡଳୀ ପୁନର୍ଗଠନ ସ୍ପଷ୍ଟ ନ ହୋଇଥିବାବେଳେ ନୂଆ ବିଲ ଆଣିବାକୁ ସେମାନେ "ରାଜନୈତିକ ଚାଲ" ବୋଲି କହିଥିଲେ। "ମହିଳାଙ୍କ ପ୍ରତି ସରକାରଙ୍କର ସତ୍ୟ ସମ୍ମାନ ଥାଇଥିଲେ, ତେବେ ଲୋକସଭା ଓ ବିଧାନସଭାରେ ତୁରନ୍ତ ୩୩ ପ୍ରତିଶତ ସଂରକ୍ଷଣ ଲାଗୁ କରାଯାଉ," ବୋଲି ସେମାନେ ଦାବି କରିଥିଲେ। ଏହାସହ ରାଜ୍ୟରେ ଦିନକୁ ଦିନ ବଢ଼ୁଥିବା ନାରୀ ନିର୍ଯ୍ୟାତନା, ଆଇନ ଶୃଙ୍ଖଳାର ଅବନତି ଓ ବାଲି-ମାଟି-ତେଲ ଚୋରାଚାଲାଣ ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ ମଧ୍ୟ ଟାର୍ଗେଟ କରାଯାଇଥିଲା। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଜନସାଧାରଣଙ୍କ ଭରସା ହାରାଇଥିବାରୁ ତୁରନ୍ତ ଇସ୍ତଫା ଦେବାକୁ ଦାବି କରିଥିଲେ ପ୍ରତିବାଦକାରୀ। ତିର୍ତ୍ତୋଲ ବଜାର ସ୍ଥିତ ସାରଣୀ ଛକ ନିକଟରୁ ବାହାରିଥିବା ଏହି ମଶାଲ ଶୋଭାଯାତ୍ରା ବଜାର ପରିକ୍ରମା କରି ତିର୍ତ୍ତୋଲ ଲକ ସ୍ଥିତ କୁମାର ଉତ୍ସବ ପଡିଆ ନିକଟରେ ପହଞ୍ଚିଥିଲା।

# ୪ର୍ଥ ବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀ

**ଭୁବନେଶ୍ୱର,୨୬।୫ :** ନ୍ତଓଡ଼ିଶା ମଧ୍ୟାହ୍ନଭୋଜନ ପାଚକ ପାଚିକା ମହାସଂଘ ପକ୍ଷରୁ ନ୍ତଚତୁର୍ଥ ବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀନ୍ତ ତା ୨୬.୦୫.୨୦୨୬ରିଖ ମଙ୍ଗଳବାର ଦିବା ଘ.୧୧.୩୦ମିନିଟ୍ ସମୟରେ ଜୟଦେବ ଭବନ, ଭୁବନେଶ୍ୱରଠାରେ ମହା ସମାରୋହରେ ପାଳନ କରାଯାଇଛି । ଉକ୍ତ ସମ୍ମିଳନୀରେ ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ଜନକ ପ୍ରଧାନ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଓଡ଼ିଶା ଉଚ୍ଚନ୍ୟାୟାଳୟର ଆଡ୍‌ଭୋକେଟ୍ ଶ୍ରୀମତୀ ପ୍ରତିଭା ବର୍ମା ଓ ମହାସଂଘର ରାଜ୍ୟ ଆବାହକ ଶ୍ରୀଯୁକ୍ତ ଦିଗମ୍ବର ଜେନା ଯୋଗଦେଇ ତାଙ୍କ ଅଭିଭାଷଣରେ କହିଲେ ଓଡ଼ିଶାରେ ଦୀର୍ଘଦିନ ଧରି ୧ଲକ୍ଷ ୨୭ ହଜାର ମଧ୍ୟାହ୍ନଭୋଜନ ପାଚକ ପାଚିକାମାନେ ଦୀର୍ଘଦିନ ଧରି କାର୍ଯ୍ୟକରି ଆସୁଛନ୍ତି । ବଡ଼ ଦୁଃଖର ବିଷୟ ବର୍ତ୍ତମାନ ୩ ହଜାର ଟଙ୍କା ମାସିକ ପାରିଶ୍ରମିକ ବାବଦରେ ପାଉଛନ୍ତି ତା' ସମୁଦ୍ରକୁ ଶଙ୍ଖେ । ସେମାନଙ୍କୁ ନିର୍ଦ୍ଧାରିତ ମଜୁରୀ ଦେବା ନିମନ୍ତେ ସରକାରଙ୍କ ନିକଟରେ ଦାବି କରାଯାଉଛି । ସେମାନଙ୍କ ଦାବିଗୁଡ଼ିକ ହେଲା - ୧. ଆମ୍ଭେ ସରକାରଙ୍କ ଘୋଷିତ ସର୍ବନିମ୍ନ ମଜୁରୀ ଟ.୫୦୦/- ଆମ୍ଭ ପାଇଁ ଲାଗୁ କରାଯାଉ । ଉକ୍ତ ପ୍ରକାରେ ମାସିକ ଟ.୧୫,୦୦୦/- ଦରମା ଲାଗୁ କରାଯାଉ । ୨. ଆମ୍ଭ ସମସ୍ତଙ୍କୁ ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ମାନ୍ୟତା ଦିଆଯିବା ସହିତ ଡ୍ରେସ୍‌କୋର୍ଡ ଲାଗୁ କରାଯାଉ ।

# ଅକ୍ସ-ମାମ୍ପୋ-ଟୁକେଟୁସିକ୍ସରେ ଶିକ୍ଷା, କ୍ରୀଡା ଓ ସଂସ୍କୃତିର ମିଳନ

## ■ ବଲିଉଡ-ଓଲିଉଡ କଳାକାରଙ୍କ ଜଲ୍ୱାରେ ଝୁମିଲା ମଞ୍ଚ

**ଫୁଲନଖରା,୨୬।୫ :** ଭୁବନେଶ୍ୱର ସ୍ଥିତ ପ୍ରସିଦ୍ଧ ଶିକ୍ଷାନୁଷ୍ଠାନ 'ଅକ୍ସଫୋର୍ଡ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ'ର ବାର୍ଷିକ ଉତ୍ସବ " ଅକ୍ସ - ମାମ୍ପୋ - ଟୁକେଟୁସିକ୍ସ " ବହୁ ଆଡ଼ମ୍ବର ଓ ଉତ୍ସାହର ସହିତ ଅନୁଷ୍ଠିତ ହୋଇଯାଇଛି । ଦୁଇଦିନିଆ ଏହି ମହୋତ୍ସବରେ ଶିକ୍ଷା, କ୍ରୀଡା, ସଂସ୍କୃତି ଓ ମନୋରଞ୍ଜନର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳିଥିଲା। ଉତ୍ସବର ପ୍ରଥମ ସନ୍ଧ୍ୟାରେ ଓଡ଼ିଶା ବିଧାନସଭାର ବାଚସ୍ପତି ମାନନୀୟା ସୁରମା ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ଏହି ଅବସରରେ ସିମୁଳିଆ ବିଧାୟକ, ବାଲେଶ୍ୱର ଡିଷ୍ଟ୍ରିକ୍ଟ ପ୍ଲାନିଂ ବୋର୍ଡର ଚେୟାରମ୍ୟାନ୍, ପିଉସି କମିଟିର ଅଧ୍ୟକ୍ଷ ତଥା ଅକ୍ସଫୋର୍ଡ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନର ପ୍ରତିଷ୍ଠାତା ଶ୍ରୀ ପଦ୍ମଲୋଚନ ପଣ୍ଡା ମଞ୍ଚାସୀନ ରହି ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ସହ ନୈତିକ ମୂଲ୍ୟବୋଧ ଅର୍ଜନ କରିବାକୁ ଆହ୍ୱାନ କରିଥିଲେ। କଲେଜର ଚେୟାରମ୍ୟାନ୍ ତଥା ବିଜେପି ବାଲେଶ୍ୱର ଜିଲ୍ଲା ସାଧାରଣ ସଚିବ ଡା. ଅଣୁମାଧବ ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ ଜଣାଇ ଅନୁଷ୍ଠାନର ଶିକ୍ଷାଗତ ସଫଳତା ଓ ଭବିଷ୍ୟତ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନର ସମସ୍ତ ପ୍ରିନ୍ସିପାଲ, ମ୍ୟାନେଜମେଣ୍ଟ ଷ୍ଟାଫ, ଅଧ୍ୟାପକ-ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କର ବ୍ୟାପକ ଉପସ୍ଥିତି ଦେଖିବାକୁ ମିଳିଥିଲା । ଉତ୍ସବ ଅବସରରେ ଆୟୋଜିତ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତୀ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି କ୍ୟାମ୍ପସ ଚୟନରେ ବିଭିନ୍ନ ନାମୀଦାମୀ ସଂସ୍ଥାରେ ନିଯୁକ୍ତି ପାଇଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦେଇ ସେମାନଙ୍କର ସଫଳତାକୁ ସମ୍ମାନିତ କରାଯାଇଥିଲା । ପରବର୍ତ୍ତୀ ସମୟରେ ଆୟୋଜିତ ସାଂସ୍କୃତିକ ସନ୍ଧ୍ୟା ଦର୍ଶକମାନଙ୍କ ପାଇଁ ଆକର୍ଷଣର ମୁଖ୍ୟ କେନ୍ଦ୍ରବିନ୍ଦୁ ପାଲଟିଥିଲା । ଓଲିଉଡ ଓ ବଲିଉଡର ନାମୀଦାମୀ କଳାକାରମାନେ ଦୁଇଦିନ ଧରି ମନମୋହକ ନୃତ୍ୟ ଓ ସଂଗୀତ ପରିବେଷଣ କରି



ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଶେଷ ସନ୍ଧ୍ୟାରେ ବଲିଉଡର ଖ୍ୟାତନାମା ଗାୟକ ଅମନ ତ୍ରିଖାଙ୍କ ସୁମଧୁର ସଙ୍ଗୀତ ପରିବେଷଣ ସମଗ୍ର ପରିବେଶକୁ ସଙ୍ଗୀତମୟ କରିଦେଇଥିଲା । ତାଙ୍କ ଲୋକପ୍ରିୟ ଗୀତରେ ଉପସ୍ଥିତ ଦର୍ଶକମାନେ ଝୁମିଉଠିଥିବା ବେଳେ ଉତ୍ସବର ଶେଷ ସନ୍ଧ୍ୟା ସ୍ମରଣୀୟ ହୋଇରହିଥିଲା । ସମଗ୍ର ଅକ୍ସ-ମାମ୍ପୋ-ଟୁକେଟୁସିକ୍ସ ଉତ୍ସବ ଶିକ୍ଷା ସହ ସଂସ୍କୃତି ଓ ପ୍ରତିଭାର ଏକ ଅନନ୍ୟ ସମାଗମ ଭାବେ ପରିଚିତ ହୋଇଥିବା ବେଳେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୂତନ ଉତ୍ସାହ ଓ ପ୍ରେରଣା ସୃଷ୍ଟି କରିଥିଲା ।

# ପିଇଏସଇ ଅନୁମୋଦିତ ଜାରକିରେ ତେଲ ଦେବାକୁ ସରକାର ଆଡ଼ଭାଇଜାରୀ ଜାରି

**ନିମାପଡ଼ା,୨୬।୫ :** ରାଜ୍ୟସରକାର ରାଷ୍ଟ୍ରାୟତ ଓ ଘରୋଇ ତୈଳ କମ୍ପାନୀର ପମ୍ପରୁ ପ୍ଲାଷ୍ଟିକ ଡ୍ରମ୍ ଓ ଜାରକିନରେ ତେଲ ଦେବା ନିଷେଧ କରିଛନ୍ତିଏବଂ କେବଳ ପିଇଏସଓ ଅନୁମୋଦିତ ଜାରକିନ ବା କଣ୍ଟେନରେ କୃଷକ ଏବଂ ସରକାରଙ୍କ ବିଭିନ୍ନ ପ୍ରକଳ୍ପ ନିର୍ମଣର କରୁଥିବା ଗ୍ରହାକମାନଙ୍କୁ ତେଲଦେବାକୁ ସରକାର ଆଡ଼ଭାଇଜାରୀ ଜାରିକରିଛନ୍ତି। ପିଇଏସଓ ଅନୁମୋଦିତ ଜାରକିନ କେଉଁଠି କିଣିବାକୁ ମିଳିବ ତାହା ସରକାର ସୁଚନାରେ ଉଲେଖ କରିନଥିବାରୁ କୃଷକ ଏବଂ ବିଭିନ୍ନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକରୁଥିବା ସଂସ୍ଥା ଗୁଡ଼ିକ ଡ଼ିଜେଲ ଅଭାବରୁ ପ୍ରକଳ୍ପ ଗୁଡ଼ିକ କାମକରୁଥିବା ଯନ୍ତ୍ରଚାଳିତ କଳ ବନ୍ଦ ରହିଛି ଓ ପ୍ରକଳ୍ପର ନିର୍ମାଣ କାମ ଅଧାହୋଇ ପଡ଼ିଛି। କ୍ଷେତବାଡ଼ିରେ କାମ କରୁଥିବା ଟ୍ରାକ୍ଟର ଏବଂ ହାରଭେଷ୍ଟ ଏବଂ ଗ୍ରାମାଞ୍ଚଳରେ ବିକାଶ ପାଇଁ ନିର୍ମାଣ ଚାଲିଥିବା ରାସ୍ତାଘାଟ ଓ ବ୍ରିଜ କାମ ଡ଼ିଜେଲ ଅଭାବ କାରଣରୁ ଅଧାରେ ଲଟିକିଛି। ନିର୍ମାଣ ସ୍ଥଳରେ ବା କ୍ଷେତରେ କାମ କରୁଥିବା ଯନ୍ତ୍ର ଚାଳିତ ଯାନ ନିକଟରେ ଡ଼ିଜେଲ ପହଁଞ୍ଚି ପାରୁନାହିଁ। ପ୍ଲାଷ୍ଟିକ ଜାରକିନରେ ପେଟ୍ରୋଲ ପମ୍ପ ମାଲିକମାନେ ଡ଼ିଜେଲ ଦେବାକୁ ମନା କରିବାରୁ ସରକାରଙ୍କ ପକ୍ଷରୁ କରାଯାଉଥିବା ଅଧାହୋଇ ପଡ଼ିଛି। ସରକାର ଜାରିକିନରେ ଡ଼ିଜେଲ ଦେବାକୁ ପମ୍ପ ମାଲିକମାନଙ୍କୁ ନିର୍ଦ୍ଦେଶନାମା ଜାରିକରି ବାରଣ କରିଥିବରୁ ପମ୍ପ ମାଲିକମାନେ ପିଏସଇଓ ଜାରକିନ ଆଣିଲେ ତେଲ ନେବ ବୋଲି ଗ୍ରାହକମାନଙ୍କୁ କହୁଛନ୍ତି ଏବଂ ତେଲ ଦେବାପାଇଁ ମନା କରିଦେଉଛନ୍ତି। କୃଷି ସହିତ ନିର୍ମଣର ହେଉଥିବା ପ୍ରକଳ୍ପ ଗୁଡ଼ିକ ଅଧା ବାଟରେ ଲଟକିଛି। ବର୍ଷ ବର୍ଷ ଧରି ପେଟ୍ରୋଲ ପମ୍ପରୁ ବଡ଼ ଜାରକିନରେ ଟ୍ରାକ୍ଟର , ହାରଭେଷ୍ଟ ମେସିନ ରାସ୍ତାଘାଟ ନିର୍ମାଣରେ ବ୍ୟବହାର ହେଉଥିବା ଜେସିବି, କ୍ରେନ , ଏବଂ ନିର୍ମାଣ ଅନ୍ୟାନ୍ୟ ଯନ୍ତ୍ର ପାତି ଚଳାଇବା ପାଇଁ ଆବଶ୍ୟକ ଡ଼ିଜେଲ ନେବାପଶଇଁ ମାଲିକମାନେ ସହରରେ ଥିବା ପେଟ୍ରୋଲ ପମ୍ପରୁ ୫ଲିଟର, ୧୦ ଲିଟର ଏବଂ ୨୦ ଲିଟର ଜାରକିନରେ ଟ୍ରାକ୍ଟର ବୋଝେଇ କରି ଡ଼ିଜେଲ ନେଇଥାନ୍ତି। କାରଣ କାର୍ଯ୍ୟକରୁଥିବାଯନ୍ତ୍ର ବା ମେସିନ ସବୁଦିନ ପେଟ୍ରୋଲ ପମ୍ପ ଗୁଡ଼ିକକୁ ଆସି ତେଲ ଭରି ପାରିନଥାନ୍ତି। ମେସିନ ପାଖକୁ ଡ଼ିଝେଲ ବୋହି ନେବାକୁ ପଡ଼ିଥାଏ। ସରକାର ଙ୍କ ଅଜବ ନିର୍ଦ୍ଦେଶନାମା ଉପ?ଦେଶ ଜାରି କରିଥିବା ଠିକା ସଂସ୍ଥା, ଚାଷୀ ଏବଂ ପେଟ୍ରୋଲ ପମ୍ପ ମାଲିକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ନିମାପଡ଼ା ଅଞ୍ଚଳର ୪ଟା ଟ୍ରାକ୍ଟର ଏବଂ ୨ଟି ଧାନକଟା ମେସିନର ମାଲିକ ଅଦୈତ୍ୟ ଆଚାର୍ଯ୍ୟ କହିଛନ୍ତି ସରକାର କହିଲେ ପିଏସଇଓ ଅନୁମୋଦିତ ଜାରକିନ ବଜାରରେ କେଉଁଠି ମିଳିବ ତାହା ସୁଚନା ସରକାର ଦେଇ ନାହାଁନ୍ତି । ତେଲ ପମ୍ପର ମାଲିକମାନେ ଜାରକିନରେ ତେଲ ଦେବା ବନ୍ଦ କରିଦେଇଥିବା କୃଷକମାନଙ୍କ ମଧ୍ୟରେ ଡ଼ିଜେଲ ପାଇଁ ଏକ ବଡ଼ ସମାସ୍ୟା ଉଭାହୋଇଛି। ଜିଲାପାଳ ଓ ବିଭାଗୀୟ ସଚିବ ମନ୍ତ୍ରୀ ଦୃଷ୍ଟି ଦେବାସହ ଜାରିକରିଥିବା ଉପଦେଶ ବା ଆଡ଼ଭାଇଜାରୀକୁ ପୁନଃ ବିଚାର କରିବାକୁ କୃଷକଗୋଷ୍ଠୀ ଓ ନିର୍ମାଣ କାରୀ ସଂସ୍ଥାମାନେ ଦାବୀ କରିଛନ୍ତି।

# ସରକାରଙ୍କ ଆଇନର ଫମ୍ପାଭାସଣ ଫୁଁ କରିଦେଲେ ଟାଟା ପାୱାର

**ଦଶପଲ୍ଲା,୨୬।୫ :** ଖରାର ପ୍ରକୋପ ଯେତିକି ବଢୁଛି ସେତିକି ତାତଲା କଡେଇରେ ଭାଜି ହେଲାଭଳି ଯନ୍ତ୍ରଣା ଭୋଗୁଛନ୍ତି ସାଧାରଣ ଲୋକେ। ପୁର୍ବତନ ସରକାରଙ୍କ ହାତରେ ଥିଲା ବିଦ୍ୟୁତ୍ ବିଭାଗ, ଯେଉଁ ସବୁ ଅସୁବିଧା ହେଉଥିଲା ତାର ଅଧିକ ଲୋକଙ୍କ ସୁବିଧାର ସୁଧାର ଆଣିବାପାଇଁ ସରକାର ଫିଡ୍ କୋ ସେସ୍କୋ ହାତକୁ ଟେକିଦେଲେ। କମ୍ପାନୀର ଦ୍ୱରାମ୍ବ ବଢିବାଯୋଗୁଁ ପୁର୍ବତନ ସରକାର ଲାଭଖୋର୍ ମନୋଭାବରେ ସରକାର ଟାଟା ପାୱାର କମ୍ପାନି ହାତକୁ ଟେକିଦେଲେ। ଟାଟା ପାୱାର ନେବାପରେ ସବୁସମସ୍ୟାର ସମାଧାନ ପରିବର୍ତ୍ତେ ସାଧରଣ ଲୋକେ କମ୍ପାନୀର ଆକ୍ରୋସର ଶିକାର ହୋଇ ଶୋଷିତ ହେବାସହ ବାରମ୍ବାର ବିଦ୍ୟୁତ କାଟ୍, ୨୪ଘଣ୍ଟା ମଧ୍ୟରେ ଏକଘଣ୍ଟା ବିଦ୍ୟୁତ ସ୍ଥିରତା ରହୁନାହିଁ। ଯେକେହି ଅଭିଯୋଗକଲେ କମ୍ପାନୀର କର୍ମଚାରୀଙ୍କ ଆକ୍ରୋଶର ଶିକାର ହେବାକୁ ପଡିଥାଏ। ଏପରିକି ନିର୍ବାଚିତ ପ୍ରତିନିଧିଙ୍କ କଥାକୁ ମଧ୍ୟ କମ୍ପାନୀର କର୍ମଚାରୀ ଖାତର କରୁନଥିବା ଅନୁମାନହେଉଛି। ବଡବଡିଆ ବାବୁମାନେ ଇନ୍ ଭଟର ସହିତ ଏସି ଘରେ ଅଏସ୍ ରେ ରହୁଥିବାବେଳେ ସାଧାରଣ ଲୋକଙ୍କ ଦୁଃଖ ଦେଖିବା ଶୁଣିବାକୁ କେହିନାହିଁ। ନିର୍ବାଚିତ ପ୍ରତିନିଧିଙ୍କ ବିଧାନସଭା, ଲୋକସଭାରେ ପ୍ରଶ୍ନ କରି ଏ କମ୍ପାନୀର ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାରେ ବିଫଳ ହୋଇଥିବା ସାଧାରଣରେ ଆଲୋଚନା ହେଉଛି। ସରକାର ବଦଳିବାପରେ ଅଘୋଷିତ ବାରମ୍ବାର ବିଜୁଳି କାଟ୍ ହେଲେ ଫମ୍ପା ଭାସଣ ମାରିଲେ ଟାଟା ପାୱାର ଉପରେ ଦୃଷ୍ଟାନ୍ତ ମୁଳକ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବର୍ତ୍ତମାନର ସରକାରଙ୍କ ଫମ୍ପାଭାଷଣ କୁ ରେଣୁମାତ୍ରାରେ ଖାତର କରୁନାହାନ୍ତି ଟାଟା ପାୱାର। ଛୋଟଠାରୁ ବନକର୍ମଚାରୀ କିମ୍ବା କମ୍ପାନୀ,ଲୋକଙ୍କ ଠାରୁ ଥରେ ଭୋଟ ପାଇ ସାରିବାପରେ ଲୋକେ ଟାଟା ପାୱାର ସାଧାରଣ ଲୋକଙ୍କ ଉପରେ ସତେ ଯେପରି ସରକାରଙ୍କର ପାଳିତ ଗୁଣ୍ଡାଭଳି କାମକରନ୍ତି ବୋଲି ସବୁ ମହଲରେ ଆଲୋଚନା ହେଉଛି। ଟାଟା ପାୱାର କର୍ମଚାରୀଙ୍କ କାର୍ଯ୍ୟକଳାପରେ ସମସ୍ତ ବିଦ୍ୟୁତ ଉପଭୋକ୍ତାଙ୍କୁ ଏକମାତ୍ର ଭଗବାନ ଭରସା ସାଜିଛନ୍ତି। ତୁରନ୍ତ ଏହି ଟାଟା ପାୱାର ବିଦ୍ୟୁତ କମ୍ପାନୀ ହାତରୁ ଛଡାଇ ସାଧାରଣ ଲୋକଙ୍କୁ ବଞ୍ଚିବାର ସୁବିଧା କରିବାପାଇଁ ଜନସାଧାରଣଙ୍କର ଦାବିହେଉଛି।

# ସେବା ସଂସ୍ଥାନର ତୃତୀୟ ବାର୍ଷିକ ପ୍ରତିଷ୍ଠା ଦିବସ



**ଚିକିଟୀ,୨୬।୫ :** ଚିକିଟୀ ସେବା ସଂସ୍ଥାନର ତୃତୀୟ ବାର୍ଷିକ ପ୍ରତିଷ୍ଠା ଦିବସ ଆଜି ଚିକିଟୀ ପେଣ୍ଠସ୍ଥିତ ବିଜୁ ପଟନାୟକ କଲ୍ୟାଣ ମଣ୍ଡପ ଠାରେ ସେବା ସଂସ୍ଥାନର ସଭାପତି କୃଷ୍ଣଚନ୍ଦ୍ର ସାହୁ ଙ୍କସଭାପତିତ୍ୱ ରେ ଅକାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀବାବା ଯୋଗ ଦେଇ ଜଗନ୍ନାଥ ଙ୍କ ନିକଟରେ ପ୍ରଦୀପ ପ୍ରଯୋଳନ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଓ ଅନ୍ୟତମ ଅତିଥିଭାବେ ସୁଦର୍ଶନ ବାବା. ଅଖଣ୍ଡନନ୍ଦ ବାବା ଓ ବ୍ରହ୍ମ ସୋରୁପନନ୍ଦ ବାବା ଯୋଗ ଦେଇଥିଲେ। ଏହି ଅବସରରେ ସଂସ୍ଥାନ ପକ୍ଷରୁ ଏକ ସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମାଜସେବୀ, ବୁଦ୍ଧିଜୀବୀ, ଯୁବକ ଓ ଅଞ୍ଚଳବାସୀ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ସଭାରେ ସଂସ୍ଥାନର ଗତ ତିନି ବର୍ଷର ସାମାଜିକ କାର୍ଯ୍ୟକଳାପ, ଗରିବ ଓ ଅସହାୟ ଲୋକଙ୍କ ସହାୟତା, ରକ୍ତଦାନ ଶିବିର, ପରିବେଶ ସଚେତନତା ଓ ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଅତିଥିମାନେ ସଂସ୍ଥାନର ସମାଜମୁଖୀ କାର୍ଯ୍ୟକୁ ପ୍ରଶଂସା କରି ଆଗାମୀ ଦିନରେ ଏହିପରି ସେବାମୂଳକ କାର୍ଯ୍ୟ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ସଂସ୍ଥାନର ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା।ଶିକ୍ଷକ ସମରଥୀ ବେହେରା ସ୍ୱାଗତ ସଂଗୀତ ଗାନ କରିଥିଲେ। କେ. ସିମାଞ୍ଚଳ କାର୍ଯ୍ୟକ୍ରମ ର ମୁଖ୍ୟ ସଂଯୋଜକ କରିଥିବା ବେଳେ ଶିକ୍ଷକ ରାଜୀବ ଦଳେଇ ମଞ୍ଚ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

### ବ୍ରାହ୍ମଣଝରିଲୋରେ ଜମିଲା ନରନାରାୟଣ କ୍ରିକେଟ ମହୋତ୍ସବ

# ୧୬ ଦଳର ରୋମାଞ୍ଚକର ଲଢେଇରେ କୋଲ୍ଡ ଇଲେଭେନ୍ ରାୟପୁର ବିଜେତା

**ଫୁଲନଖରା,୨୬।୫ :** ନିଆଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାରଙ୍ଗ ବ୍ଲକର କୁରାଙ୍ଗ ପ୍ରଧାନ ଗ୍ରାମପଞ୍ଚାୟତର ବ୍ରାହ୍ମଣଝରିଲୋ ଗ୍ରାମରେ ନରନାରାୟଣ କ୍ରିକେଟ ଟିମ୍ ପକ୍ଷରୁ ଆୟୋଜିତ ଏକଦିବସୀୟ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବହୁ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। ଗ୍ରାମୀଣ ଅଞ୍ଚଳରେ କ୍ରୀଡା ଚେତନାକୁ ଜାଗ୍ରତ କରିବା ସହିତ ଯୁବ ସମାଜକୁ ଏକ ସୁସ୍ଥ ଓ ସୃଜନଶୀଳ ମଞ୍ଚ ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି ଭବ୍ୟ କ୍ରିକେଟ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଗତ ୨୪ ତାରିଖ ରାତ୍ରିରେ ବରିଷ୍ଠ ସଂଗଠକ ନିରୋଧ କୁମାର ଜେନାଙ୍କ ନେତୃତ୍ୱରେ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉଦ୍ଘାଟନ ସଭାରେ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇ ଖେଳର ଗୁରୁତ୍ୱ, ଯୁବ ସମାଜରେ କ୍ରୀଡାମନୋଭାବ ଓ ସାମାଜିକ ଏକତା ଉପରେ ଅତ୍ୟନ୍ତ ପ୍ରେରଣାଦାୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ନାଗରିକ ତଥା ଇଞ୍ଜିନିୟର ସୁଶାନ୍ତ



କୁମାର ତ୍ରିପାଠୀ ଯୋଗଦେଇ କହିଥିଲେ ଯେ, ଖେଳ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ବରଂ ଏହା ଯୁବ ସମାଜକୁ ଶୃଙ୍ଖଳା, ଧୈର୍ଯ୍ୟ, ଏକତା ଓ ନେତୃତ୍ୱର ଶିକ୍ଷା ପ୍ରଦାନ କରେ। ଗ୍ରାମାଞ୍ଚଳରେ ଏଭଳି ଟୁର୍ଣ୍ଣାମେଣ୍ଟ ଆୟୋଜନ ହେଲେ ଲୁକାୟିତ ପ୍ରତିଭା ଲୋକଲୋଚନକୁ ଆସିପାରିବ ବୋଲି ସେ ମତ ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ଭାବରେ ଯୋଗଦେଇଥିବା ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ କହିଥିଲେ ଯେ, ଆଜିର ଯୁବପିଢି ମୋବାଇଲ ଓ ନିଶା ଜଗତରୁ ଦୂରେଇ କ୍ରୀଡାକୁ ଆପଣାଇଲେ ସମାଜ ଏକ ସୁସ୍ଥ ଦିଗକୁ ଅଗ୍ରସର ହେବ। ଖେଳ ମାନବ ଜୀବନରେ ସଫଳତାର ମୂଳମନ୍ତ୍ର ବୋଲି ସେ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବରେ ଯୁବ ସମାଜସେବୀ କଳ୍ପତରୁ ଖୁଣ୍ଟିଆ, ବ୍ରାହ୍ମଣଝରିଲୋ ଗ୍ରାମର ମୁରବୀ କୈଳାଶ ଚନ୍ଦ୍ର ବେହେରା, ତ୍ରିଲୋଚନ ସାହୁ ଓ ମାନସ ରଞ୍ଜନ ପାତ୍ର ପ୍ରମୁଖ ଯୋଗଦେଇ ଯୁବମାନଙ୍କୁ କ୍ରୀଡାମୁଖୀ କାର୍ଯ୍ୟକଳାପରେ ଅଧିକ ସଂପୃକ୍ତ ହେବା ପାଇଁ ଆହ୍ୱାନ କରିଥିଲେ। ପରେ ଅତିଥିମାନେ ଆନୁଷ୍ଠାନିକ ଭାବେ ଫିତା କାଟି ଟୁର୍ଣ୍ଣାମେଣ୍ଟକୁ ଉଦ୍ଘାଟନ କରିଥିଲେ। ଖେଳାଳିମାନଙ୍କ ସହିତ କରମର୍ଦ୍ଦନ କରି ସେମାନଙ୍କୁ ଉତ୍ସାହିତ କରାଯାଇଥିଲା। ଏହାପରେ ଉତ୍ସାହପୂର୍ଣ୍ଣ ପରିବେଶରେ ଖେଳ ଆରମ୍ଭ ହୋଇ ଭୋର ପର୍ଯ୍ୟନ୍ତ ଚାଲିଥିଲା। ରାତିସାରା ଖେଳ ଦେଖିବା ପାଇଁ ଆସପାସ ଅଞ୍ଚଳରୁ ବହୁ କ୍ରିକେଟ ପ୍ରେମୀ ଓ ଦର୍ଶକମାନଙ୍କର ଭିଡ଼ ଜମିଥିଲା। ଦର୍ଶକମାନଙ୍କ ଉତ୍ସାହ ଓ ଖେଳାଳିମାନଙ୍କ ଦମଦାର ପ୍ରଦର୍ଶନ ସମଗ୍ର ପରିବେଶକୁ ଉତ୍ସବମୁଖର କରିଦେଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଦଳ ଭାଗ ନେଇଥିଲେ। ପ୍ରତ୍ୟେକ ମ୍ୟାଚ୍ରେ ଖେଳାଳିମାନେ ଚମତ୍କାର ବ୍ୟାଟିଂ, ଆକର୍ଷଣୀୟ ବୋଲିଂ ଓ ଚଞ୍ଚଳ ଫିଲ୍ଡିଂ ପ୍ରଦର୍ଶନ କରି ଦର୍ଶକମାନଙ୍କ ମନୋରଞ୍ଜନ କରିଥିଲେ। ଫାଇନାଲ ମ୍ୟାଚ୍ ଅତ୍ୟନ୍ତ ରୋମାଞ୍ଚକର ହୋଇଥିବା ବେଳେ କୋଲ୍ଡ ଇଲେଭେନ୍ ରାୟପୁର ଦଳ ଚମତ୍କାର ପ୍ରଦର୍ଶନ କରି ବିଜେତା ହୋଇଥିଲା।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati